## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ



ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।

ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।

, ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ। ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ଘରର ମୁଖ୍ୟ ଦ୍ୱାରରେ ଲଗାନ୍ତୁ ଏହି ସବୁ ଚିହ୍ନ, ଆର୍ଥିକ ସ୍ଥିତିରେ ହେବ ଉନ୍ନତି

ଜୀବନରେ ସମସ୍ୟା ଲାଗି ରହୁଛି କି? ଆପଣ ସମାଧାନର ବାଟ ବାହାର କରିପାରୁନାହାନ୍ତି । ତାହେଲେ ଏହାର କାରଣ ଆପଣଙ୍କ ଘର ଦ୍ୱାର ବନ୍ଧ ମଧ୍ୟ ହେଇଥାଇପାରେ । ବାସ୍ତୁଶାସ୍ତ୍ର ଅନୁସାରେ, ଆପଣ ଯଦି ଘରେ କିଛି ମାଙ୍ଗଳିକ ଚିହ୍ନ ରଖିବେ ତାହେଲେ ବିପଦ ଆପଣଙ୍କ ପାଖ ମାଡିବ ନାହିଁ । ଯଦି ଆର୍ଥିକ ସ୍ଥିତିରେ ଉନ୍ନତି ଚାହୁଁଛନ୍ତି ତାହେଲେ ଘରର ମୁଖ୍ୟ ଦ୍ୱାରରେ ଏହିସବୁ ଜିନିଷ ଲଗାଇ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହ ସୁଖ ସମୃଦ୍ଧିର ଅଧିକାରୀ ହୋଇପାରିବେ। ତାହେଲେ ଜାଣନ୍ତୁ



ବାସ୍ତୁଶାସ୍ତ୍ର ଅନୁସାରେ ଆପଣ କେଉଁ ସବୁ ଜିନିଷ ଘରର ଦ୍ୱାରରେ ଲଗାଇବା ଆବଶ୍ୟକ ।

**ମୁଖ୍ୟ ଦ୍ୱାର ଆଗରେ ତୁଳସୀ ଗଛ**

ହିନ୍ଦୁ ପରମ୍ପରାରେ ସମସ୍ତେ ଘର ଆଗରେ ତୁଳସୀ ଗଛ ଲଗାଇ ପୂଜା କରିଥାନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ମଧ୍ୟ ଏହା କରିବା ଘରେ ସୁଖ ଶାନ୍ତି ବଜାୟ ରହିଥାଏ । ଏବଂ ଘରେ ଧନ ସହ ଶାନ୍ତି ବିରାଜମାନ କରିଥାଏ ।

**ଲକ୍ଷ୍ମୀଙ୍କ ପାଦ ଚିହ୍ନ**

ବାସ୍ତୁ ଅନୁସାରେ ଘରର ମୁଖ୍ୟ ଦ୍ୱାରରେ ମା'ଲକ୍ଷ୍ମୀଙ୍କ ପାଦ ଚିହ୍ନ ଲଗାଇବା ଦ୍ୱାରା ଘରେ କୌଣସି ନକରାତ୍ମକ ଶକ୍ତି ପ୍ରବେଶ କରିପାରେନାହିଁ । ଏହା ସହ ମା'ଲକ୍ଷ୍ମୀଙ୍କ କୃପା ଘରେ ସବୁବେଳେ ରହିଥାଏ ।

**ଲକ୍ଷ୍ମୀଙ୍କ ଫଟୋ ଚିତ୍ର**

ଲକ୍ଷ୍ମୀଙ୍କ ପାଦ ଚିହ୍ନ ଘରର ମୁଖ୍ୟ ଦ୍ୱାରରେ ଲକ୍ଷ୍ମୀଙ୍କ ଫଟୋଚିତ୍ର ମଧ୍ୟ ଲଗାନ୍ତୁ । ଏହା ଦ୍ୱାରା ଘରେ କେବେବି ଆର୍ଥିକ ସଙ୍କଟ ଦେଖାଦିଏ ନାହିଁ । ଏହା କରିବା ଦ୍ୱାରା ମା'ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ।

**ସ୍ୱସ୍ତିକ ଚିହ୍ନ**

ବାସ୍ତୁଶାସ୍ତ୍ର ଅନୁସାରେ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଲଗାଇବା ଦ୍ୱାରା ଘରେ ସବୁବେଳେ ଶୁଭ ହୋଇଥାଏ । ଏହାଦ୍ୱାରା ଘରେ ସକରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ ।

## କ'ଣ କଲେ ପରିବାର ସଦସ୍ୟଙ୍କ ମଧ୍ୟରେ ବଜାୟ ରହେ ମଧୁରତା

ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁୟ ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।



୧- ଘରର ବାତାବରଣକୁ ଶନ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାରରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୁହୂର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

## ବିଭିନ୍ନ ସମସ୍ୟାର ମୁକ୍ତି ପାଇଁ ବ୍ୟବହାର କରନ୍ତୁ 'ବେବି ପାଉଡର'

ଘରେ ଛୋଟ ପିଲାଙ୍କ ପାଇଁ ସାଧାରଣତଃ ବେବି ପାଉଡର ପ୍ରାୟ ସମସ୍ତେ ବ୍ୟବହାର କରିଥାନ୍ତି । ଶିଶୁଙ୍କ ସ୍କିନ ଖୁବ୍ କୋମଳ ଥିବାରୁ ଇଆଡୁ ସିଆଡୁ ପାଉଡର ବଦଳରେ 'ବେବି ପାଉଡର' ବ୍ୟବହାର ପାଇଁ



ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି। ତେବେ 'ବେବି ପାଉଡର'କୁ କେବଳ ଶିଶୁଙ୍କ ପାଇଁ ନୁହେଁ,ବୟସ୍କମାନେ ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇଁ ନିଜେ ବ୍ରବହାର ମଧ୍ୟ କରିପାରିବେ। ଏବେ ଆସନ୍ତୁ ଜାଣିବା, ବୟସ୍କମାନେ ଅନ୍ୟ କେଉଁ ସବୁ କାମ ପାଇଁ 'ବେବି ପାଉଡର' ବ୍ୟବହାର କରିପାରିବେ।

♦ ଯଦି ଆପଣଙ୍କ କେଶ ଅଧିକ ତେଲିଆ ଲାଗି ଚିପ୍‌ଚିପ୍ କରୁଛି ଓ ଏହାକୁ ଶାମ୍ପୁ କରିବା ପାଇଁ ଆପଣଙ୍କ ସମୟ ନାହିଁ,ତେବେ କେଶରେ କିଛି ବେବି ପାଉଡର ଛିଞ୍ଚି ଦିଅନ୍ତୁ କିମ୍ବା ପାନିଆରେ କିଛି ବେବି ପାଉଡର ଲଗାଇ ମୁଣ୍ଡ କୁଣ୍ଡାଇ ଦିଅନ୍ତୁ । ଏତାଦ୍ୱାରା ଚିପ୍‌ଚିପ୍ ଦୂର ହୋଇଯିବ ।

♦ ଆଖି କଜଳ କିମ୍ବା ପିତାରେ ମସ୍କରା ଲଗାଇ ସାରିବା ପରେ ତା'ର ଆଖପାଖ ଅଂଶରେ କିଛି ବେବି ପାଉଡର ମାଲିସ୍ କରି ଦିଅନ୍ତୁ। ଏଭଳି କଲେ,ମସ୍କରା ଆଉ ଆଖିସାରା ବୋଳି ହୋଇଯିବାର ଆଶଙ୍କା ରହିବ ନାହିଁ।

♦ ଆପଣ ଯଦି ଓଠକୁ 'ମ୍ୟାଟ ଲୁକ୍' ଦେବାକୁ ଚାହୁଁଛନ୍ତି, କିନ୍ତୁ ଆପଣଙ୍କ ପାଖରେ ମ୍ୟାଟ ବଦଳରେ କେବଳ ଗ୍ଲସି ଲିପଷ୍ଟିକ ଅଛି,ତେବେ ବି ଚିନ୍ତା କରନ୍ତୁ ନାହିଁ। ଓଠରେ ଗ୍ଲସି ଲିପଷ୍ଟିକ୍ ଲଗାଇବା ପରେ ଏହା ଉପରେ ଟିକେ ବେବି ପାଉଡର ଥାପି ଥାପି ଲଗାନ୍ତୁ । ଏହାପରେ ଏକ ଟିସୁ ପେପରକୁ ଦୁଇ ଓଠ ମଝିରେ ରଖି ଚାପି ଦିଅନ୍ତୁ, ଦେଖିବେ ଆପଣଙ୍କ ଓଠକୁ 'ମ୍ୟାଟ ଲୁକ୍' ମିଳିଯିବ।

♦ ଖରାଦିନେ ଅନେକଙ୍କ ପାଦରୁ ଝାଳ ବାହାରି ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଆପଣଙ୍କ କ୍ଷେତ୍ରରେ ଯଦି ଏମିତି କିଛି ହେଉଛି, ତେବେ କିଛି ବେବି ପାଉଡର ଜୋତା ଭିତରେ ଛିଞ୍ଚି ଦିଅନ୍ତୁ। କିଛି ସମୟ ପରେ ଆପଣଙ୍କ ଜୋତାରୁ ଦୁର୍ଗନ୍ଧ ବାହାରିବା ବନ୍ଦ ହୋଇଯିବ ।

♦ ଅନେକ ସମୟରେ ଅସାବଧାନତା ଯୋଗୁ ଆପଣଙ୍କ ମନପସନ୍ଦର ଡ୍ରେସ ବା ଅନ୍ୟ କପଡାରେ ପଡି ଦାଗ ହୋଇଯାଇଥାଏ । ଏହା ଦେଖିବାକୁ ଖରାପ ଲାଗିବା ସହ ଏଥିରୁ ତେଲିଆ ଗନ୍ଧ ମଧ୍ୟ ଆସିଥାଏ। କିଛି ବେବି ପାଉଡର ନେଇ ତେଲ ପଡିଥିବା ସ୍ଥାନରେ ଲଗାଇ ଘସି ଦିଅନ୍ତୁ । ଏହାପରେ କପଡାକୁ ସଫା କରି ଦିଅନ୍ତୁ,ଦେଖିବା ତେଲ ଦାଗ ସମ୍ପୂର୍ଣ୍ଣ ଚାଲିଯିବ।

## ବ୍ୟାଧିରୁ ଉପଶମ ସୂର୍ଯ୍ୟଙ୍କୁ ଜଳଦାନ କରନ୍ତୁ



ଆପଣଙ୍କୁ ବାରମ୍ବାର ଏନଜାଇଟ୍ କିମ୍ବ ସବୁବେଳେ ନର୍ଭସ ରହୁଛନ୍ତି କି? ଏହି ଦୁଇଟି ଜିନିଷର କାରଣ ସୂର୍ଯ୍ୟ ଗ୍ରହ ଆପଣଙ୍କ ରାଶିରେ ଦୁର୍ବଳ ଅଛନ୍ତି। ସୂର୍ଯ୍ୟ ହେଉଛନ୍ତି ଶକ୍ତି ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଗ୍ରହ। ଯେଉଁମାନଙ୍କ ରାଶିରେ ସୂର୍ଯ୍ୟ ଶକ୍ତିଶାଳୀ, ସେମାନେ କୌଣସି ନିଷ୍ପତ୍ତି ନେବାରେ ବିଳମ୍ବ କରନ୍ତି ନାହିଁ। ଏହିପରି ଲୋକମାନେ ସାହସୀ ଏବଂ ପ୍ରାୟତଃ ଜିନିଷଗୁଡ଼ିକୁ ସାହାସର ସହିତ ସାମ୍ନା କରନ୍ତି। କିନ୍ତୁ, ଯେଉଁମାନଙ୍କ ରାଶିରେ ସୂର୍ଯ୍ୟ ଦୁର୍ବଳ ହୋଇଥାନ୍ତି, ସେମାନଙ୍କର ଆତ୍ମବିଶ୍ୱାସର ଅଭାବ ରହିଥାଏ। ଏହିପରି ଲୋକମାନେ ଅତ୍ୟଧିକ ଚିନ୍ତା କରନ୍ତି ଏବଂ ଅନେକ ରୋଗର ଶିକାର ହୁଅନ୍ତି। ତେଣୁ ଆପଣ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଦେବା ଦ୍ୱାରା ଧୀରେ ଧୀରେ ଏହି ଜିନିଷଗୁଡ଼ିକରୁ ବାହାରିପାରିବେ। ଏଥି ସହିତ, ଏହା ଆପଣଙ୍କୁ ଅନେକ ରୋଗରୁ ମୁକ୍ତି ପାଇବାରେ ମଧ ସାହାଯ୍ୟ କରିବ।

ଏନଜାଇଟିରେ ପୀଡିତ ଲୋକ : କିଛି ଲୋକ ଅଛନ୍ତି ଯେଉଁମାନଙ୍କୁ ପ୍ରତ୍ୟେକ ଛୋଟ କଥାରେ ଏନଜାଇଟି ହୁଏ। ଏହିପରି ଲୋକମାନଙ୍କୁ ଭିଡ଼ରେ ବି ଏନଜାଇଟି ହୁଏ। ଏପରି ଲୋକଙ୍କୁ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବା ଉଚିତ୍। ଏହା ସେମାନଙ୍କୁ ସକରାତ୍ମକ ଶକ୍ତି ସହିତ ମାନସିକ ଶକ୍ତି ଦେଇଥାଏ, ଯାହା ଏନଜାଇଟି ଭାବନାକୁ କମ୍ କରିଥାଏ।

ଡିପ୍ରେସନ୍ ରୋଗୀ : ଡିପ୍ରେସନ୍ ରୋଗୀ ପ୍ରତିଦିନ ସୂର୍ଯ୍ୟଙ୍କୁ ପାଣି ଦେବା ଉଚିତ୍ । କାରଣ ସୂର୍ଯ୍ୟ ଏବଂ ତାହାର କିରଣ ଶରୀରରେ ହାପି ହରମୋନ୍ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହା କର୍ଟିସୋଲ ପରି ଷ୍ଟ୍ରେସ୍ ହରମୋନକୁ ନିୟନ୍ତ୍ରଣ କରିବାରେ ଏବଂ ଡୋପାମାଇନ୍ ବୃଦ୍ଧି କରିବାରେ ସାହାଯ୍ୟ କରେ । ଏହା ସହିତ, ନୂଆ ଏବଂ ଭଲ ଚିନ୍ତାଧାରା ଆସେ ଯାହା ଡିପ୍ରେସନ୍ ରୋଗୀଙ୍କ ପାଇଁ ଆବଶ୍ୟକ ।

ହାଇ ବିପି ଏବଂ ହୃଦ୍ ରୋଗୀ : ହାଇ ବିପିର ଆରମ୍ଭ ଷ୍ଟ୍ରେସ୍‌ରୁ ହୁଏ ଏବଂ ସୂର୍ଯ୍ୟ ଆପଣଙ୍କୁ ମାନସିକ ଏବଂ ଶାରୀରିକ ସ୍ତରରେ ଶକ୍ତିଶାଳୀ କରେ। ଏଥି ସହିତ, ଏହା ରାଶିରେ ସୂର୍ଯ୍ୟଙ୍କୁ ମଜବୁତ କରେ, ଯାହା ଆପଣଙ୍କୁ ହୃଦରୋଗରୁ ଦୂରେଇ ରଖେ।

ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବାର ନିୟମ ଏବଂ ଉଚିତ୍ ସମୟ : ସୂର୍ଯ୍ୟଙ୍କୁ ଜଳ ଅର୍ପଣ ପାଇଁ ଆପଣଙ୍କୁ ସକାଳ ୯ ଟା ପୂର୍ବରୁ ଉଠିବାକୁ ପଡିବ। ଯଦି ଆପଣ ସୂର୍ଯ୍ୟୋଦୟ ସମୟରେ ପାଣି ଦିଅନ୍ତି ତେବେ ଏହା ଭଲ ହେବ। ଏହି ସମୟରେ, ଏକ ତମ୍ବା ଡାଲରେ ଚାଉଳ, ଚନ୍ଦନ ଏବଂ ଫୁଲ ରଖନ୍ତୁ ଏବଂ ଗାୟତ୍ରୀ ମନ୍ତ୍ର ପାଠ କରିବାବେଳେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ। ଏହା ଆପଣଙ୍କ ମନ ଏବଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ।

## ବିବାହରେ ସୃଷ୍ଟି ହେଉଛି କି ବାଧା ? ଘରର ଏହି ଦିଗରେ ଲଗାନ୍ତୁ ଏହି ଫୁଲ

ପାଠପଢ଼ା ଓ ଚାକିରି ପାଇଁ ବର୍ତ୍ତମାନ ସମୟରେ ବିବାହ ବୟସ ବଢ଼ିବାରେ ଲଗିଛି। ଏଥିପାଇଁ ନିଜର ପିଲାଙ୍କୁ ଉଚିତ ସମୟରେ ବିବାହ କରାଇବା ମାତା ପିତାଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଅନ୍ୟପଟେ ଅନେକ କ୍ଷେତ୍ରରେ ଗ୍ରହ ଓ ନକ୍ଷତ୍ରଙ୍କ ଅଶୁଭ ସ୍ଥିତି ଯୋଗୁ



ମଧ ବିବାହ ବିଳମ୍ବରେ ହୋଇଥାଏ। ଏଥିପାଇଁ ମାତା ପିତାଙ୍କ ସମେତ ବିବାହ ଯୋଗ୍ୟ ଯୁବକ ଓ ଯୁବତୀମାନେ ମଧ ଚିନ୍ତାରେ ରହିଥାନ୍ତି। ତେବେ ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ଏମିତି କିଛି ଉପାୟ କୁହାଯାଇଛି, ଯାହା ଦ୍ୱାରା ବିବାହରେ ଆସୁଥିବା ବାଧା ଦୂର ହୋଇଥାଏ। ବାସ୍ତୁ ଶାସ୍ତ୍ରରେ ଏକ ଫୁଲକୁ ନେଇ କୁହାଯାଇଛି। ଯାହାକୁ ଘରର ସେହି ଦିଗରେ ଲଗାଇଲେ ଶୁଭ ହୋଇଥାଏ। ଯାହାଦ୍ୱାରା ଶୀଘ୍ର ବିବାହ ଯୋଗ ହୋଇଥାଏ। ଆସନ୍ତୁ ଜାଣିବା ଏହି ଫୁଲ ବିଷୟରେ

ପିୟୋନିଆ ଫୁଲ: ବାସ୍ତୁ ଶାସ୍ତ୍ରରେ ପିୟୋନିଆ ଫୁଲକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ପିୟୋନିଆ ଗଛର ଫଲକୁ ଫୁଲର ରାଣୀ ବୋଲି କୁହାଯାଏ। ପିୟୋନିଆ ଫୁଲକୁ ସୌନ୍ଦର୍ଯ୍ୟ ଓ ରମାନ୍ସର ପ୍ରତୀକ ବୋଲି ମାନା ଯାଏ। ଏଥିପାଇଁ ପିୟୋନିଆ ଫୁଲକୁ ଘରେ ଲଗାଇଲେ ସକରାତ୍ମକ ଶକ୍ତି ସଂଚାର ହୋଇଥଏ। ଏହାର ପ୍ରଭାବରେ ବିବାହର ବାଧା ଦୂର ହୋଇଥାଏ।

ଶୀଘ୍ର ବିବାହ ପାଇଁ ଏହା ଏକ ଭଲ ଉପାୟ: ବାସ୍ତୁ ଶାସ୍ତ୍ର ଅନୁସାରେ ବିବାହ ଯୋଗ୍ୟ କୌଣସି ଯୁବକ କିମ୍ବା ଯୁବତୀଙ୍କର ଯଦି ବିବାହର ସମସ୍ୟା ଆସୁଛି, ତେବେ ଘରେ ପିୟୋନିଆ ଗଛ ଲଗାଇବା ଶୁଭ ହୋଇଥାଏ। ଗଛ ବଦଳରେ ଆପଣ ଘରେ ପିୟୋନିଆ ପେଣ୍ଟିଂ କିମ୍ବା ଫୁଲ ମଧ ଲଗାଇ ପାରିବେ।

# ପୂର୍ବତଟ ରେଳପଥ ପକ୍ଷରୁ ବର୍ଜ୍ୟବସ୍ତୁ ଏବଂ ସ୍କ୍ରାପକୁ ଚମତ୍କାର ହସ୍ତଶିଳ୍ପରେ ପରିଣତ





**ଭୁବନେଶ୍ୱର,(ନି.ପ୍ର):** ଅବିରତ ଭାବେ ସ୍ୱଚ୍ଛତା ଅଭିଯାନକୁ ବଜାୟ ରଖିବା ପାଇଁ ପୂର୍ବତଟ ରେଳପଥ ନେଇଥିବା ପ୍ରତିବଦ୍ଧତାର ଏକ ଅଂଶ ଭାବରେ ବର୍ଜ୍ୟବସ୍ତୁ ଏବଂ ସ୍କ୍ରାପକୁ ଚମତ୍କାର ହସ୍ତଶିଳ୍ପରେ ପରିଣତ କରିବାକୁ ଲକ୍ଷ୍ୟ ରଖି ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟିକରି ନିଜକୁ ଗର୍ବିତ କରିପାରିଛି। ଡିଜେଲ ଏବଂ ଇଲେକ୍ଟ୍ରିକ୍ ଲୋକୋ ଶେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ଏବଂ ଟ୍ରାକ୍ସନ୍ ବଣ୍ଟନ ବିଭାଗର କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏହି ସୃଜନଶୀଳ ପ୍ରୟାସ କେବଳ ରେଳ ପରିସରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁନାହିଁ ବରଂ ପରିବେଶ ସୌନ୍ଦର୍ଯ୍ୟକରଣ ଓ ସ୍ୱଚ୍ଛତା ଅଭିଯାନ ସହିତ ସଚେତନତାକୁ ମଧ୍ୟ ପ୍ରୋତ୍ସାହିତ କରୁଛି। ସ୍ୱଚ୍ଛତା ହିଁ ସେବା ଏବଂ ସ୍ୱଚ୍ଛତା ପକ୍ଷ୍ୟ ପାଳନ ଅଭିଯାନର ଏକ ଅଂଶ ଭାବରେ, ରେଳ ଇଞ୍ଜିନ ସହିତ ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଗୁଡିକର ବର୍ଜନ ହୋଇଥିବା ସାମଗ୍ରୀର ବ୍ୟବହାରକରି ରେଳ କର୍ମଚାରୀମାନେ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ପ୍ରତିକୃତି ନିର୍ମାଣ କରି ସେମାନଙ୍କର କର୍ମକ୍ଷେତ୍ର ପରିସରକୁ ସୌନ୍ଦର୍ଯ୍ୟ କାରଣ କରିପାରିଛନ୍ତି। ଏହି ବର୍ଜନ ହୋଇଥିବା ଯନ୍ତ୍ରପାତି ଓ ଯନ୍ତ୍ରାଂଶ ଗୁଡିକ ମଧ୍ୟରୁ ବୁଲ ଗିୟର, ଟ୍ରାକ୍ସନ ବାର, ଫେଉମାଟିକ ପାଇପ, କମ୍ପ୍ରେସର ଭାଲବ ସହିତ ଅନ୍ୟାନ ଅନୁପଯୋଗ ଯନ୍ତ୍ରାଂଶ ଦ୍ୱାରା ଆଖିଦୃଶିଆ କଳାକୃତି ନିର୍ମାଣ କରାଯାଇ ସ୍ୱଚ୍ଛତା ପାଇଁ ସୌନ୍ଦର୍ଯ୍ୟକରଣ କରାଯାଇଅଛି। ଏହି ଅଭିନବ କଳାକୃତି ଗୁଡିକୁ କାର୍ଯ୍ୟସ୍ଥଳ, କାରଖାନା ପରିସର ମଧ୍ୟରେ ସୁସଜ୍ଜିତ କରାଯାଇଅଛି। କଳାକୃତି ଗୁଡିକ ମଧ୍ୟରୁ ତ୍ରିରଙ୍ଗା ସହିତ ଭାରତର ମାନଚିତ୍ର, କୁତବ ମିନାର, ବ୍ରିଜ ଓ ଟନେଲ ଭଳି ବହୁ ପ୍ରସିଦ୍ଧ ଲ୍ୟାଣ୍ଡମାର୍କର ମଡେଲ, ଏବଂ ଡାଇନୋସର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ସୃଜନଶୀଳ ରୂପର ଚମତ୍କାର ମୂର୍ତ୍ତି ଅନ୍ତର୍ଭୁକ୍ତ। ସ୍ୱଚ୍ଛତା ଏବଂ ପରିବେଶ ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପହଞ୍ଚାଇବା ପାଇଁ ବର୍ଜ୍ୟବସ୍ତୁ ସାମଗ୍ରୀର ସମ୍ଭାବନାକୁ ଦର୍ଶାଇ ଏହି ପଦକ୍ଷେପ ଯାତ୍ରୀ ଏବଂ ସ୍ଥାନୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନରେ ପ୍ରଦର୍ଶିତ ପୂର୍ବରୁ ସ୍ଥାପନ ହେଇଥିବା ବିଭିନ୍ନ କଳାକୃତି ଅଧିକ ସୃଜନଶୀଳତାକୁ ପ୍ରେରଣା ଦେଇ ଏକ ଉଦାହରଣ ସୃଷ୍ଟି କରିଛି। କଳାକୃତି ମଧ୍ୟରେ ନୃତ୍ୟ ଶୈଳୀରେ ବର୍ଜ୍ୟବସ୍ତୁରୁ ନିର୍ମାଣ ହୋଇଥିବା ପ୍ରତିମୂର୍ତ୍ତି, ସ୍କ୍ରାପ୍ ଧାତୁରୁ ତିଆରି ଏବଂ ଜଟିଳ ଡିଜାଇନରେ ଗଢାଯାଇଥିବା ମାନବ ଚିତ୍ର ଅଛି। କ୍ୟାମ ଗିଅର ଏବଂ ପିଷ୍ଟନ୍ କ୍ୟାରିୟର ପରି ଉପାଦାନରୁ ନିର୍ମିତ ଏହି ପ୍ରତିମୁର୍ତି ଗୁଡ଼ିକ, ପରିତ୍ୟକ୍ତ ସାମଗ୍ରୀଗୁଡିକର କିପରି ସୁନ୍ଦର କଳା ଅଭିବ୍ୟକ୍ତିରେ ରୂପାନ୍ତରିତ ହୋଇପାରିବ, ଏହାର ଉଦାହରଣ ଦେଇଥାଏ। ଏହା ସହିତ, ଏହି ପଦକ୍ଷେପ ରେଳ କର୍ମଚାରୀଙ୍କ ମଧ୍ୟରେ ଦକ୍ଷତା ବିକାଶ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। କର୍ମଚାରୀ ମାନଙ୍କ ଅବକାଶ ସମୟରେ ବିଶାଖାପାଟନମ୍, ବିଜୟନଗରମ୍, ଏବଂ ଆରାକୁ ସମେତ ସ୍ଥାନଗୁଡିକର କର୍ମଚାରୀମାନେ କଳା ମାଧ୍ୟମରେ ନିଜ ଆଖପାଖକୁ ସୌନ୍ଦର୍ଯ୍ୟକରଣ କରିବାରେ ସକ୍ରିୟ ଭାବରେ ନିୟୋଜିତ ହୋଇଥିଲେ। ନିକଟ ଭବିଷ୍ୟତରେ ଅଧିକ ରେଳ ଷ୍ଟେସନରେ ଅଧିକ କଳାକୃତି ସ୍ଥାପନ ପାଇଁ ଯୋଜନା ଥିବା ସହିତ ବିଶାଖାପାଟନମ୍ ଷ୍ଟେସନ୍, ରେଳ ଷ୍ଟାଡିୟମ୍ ଏବଂ ଡିଜେଲ୍ ଲୋକୋ ଶେଡ୍‌ରେ ସେମାନଙ୍କର କିଛି ପ୍ରତିକୃତି ପୂର୍ବରୁ ଦେଖିବାକୁ ମିଳେ। ସୃଜନଶୀଳତା ଏବଂ ସ୍ୱଚ୍ଛତାର ସ୍ଥାୟୀତ୍ୱକୁ ଗ୍ରହଣ କରି ପୂର୍ବତଟ ରେଳପଥ କିପରି ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବେଶ ସଚେତନତା କରିବା ସହିତ ସ୍ଥାନୀୟ ଅଞ୍ଚଳର ସଂସ୍କୃତିକୁ ପ୍ରତିପାଦିତ କରି ଏହିପରି କଳାକୃତି ସ୍ୱଚ୍ଛତା ପାଇଁ ଉଦାହରଣ ସୃଷ୍ଟି କରିଛି।

## ଅତ୍ୟାବଶ୍ୟକୀୟ ସାମଗ୍ରୀର ବ୍ୟାପକ କଳାବଜାର

# ଦରଦାମ ନିୟନ୍ତ୍ରଣରେ ପ୍ରଶାସନ ବିଫଳ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ସାମୁଦ୍ରିକ ବାତ୍ୟା ଦାନାର ସୁଯୋଗ ନେଇ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ମୁନଫାଖୋର ବ୍ୟବସାୟୀମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀର ବ୍ୟାପକ କଳାବଜାର କରୁଥିବାର ଅଭିଯୋଗ ହୋଇଛି। କଳା ବଜାରୀଙ୍କ ବିରୁଦ୍ଧରେ ଅଙ୍କୁଶ ଲଗାଇବା ଦିଗରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ଥିବା ୪୧ଟି ଗ୍ରାମପଂଚାୟତର ବିଭିନ୍ନ ହାଟ ବଜାର ମାନଙ୍କରେ ଚୁଡା,ଚିନି,ଆଳୁ,ପିଆଜ,ରସୁଣ, ଖାଇବା ତେଲ,ଜାଳେଣୀ ଗ୍ୟାସ , କିରାସିନି ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ବ୍ୟାପକ କଳାବଜାର ହେଉଥିବାର ଅଭିଯୋଗ ହୋଇଛି। ବାତ୍ୟାର ଆସୁଥିବାର ସୁଯୋଗ ନେଇ ମୁନଫାଖୋର କଳା ବ୍ୟବସାୟୀମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରୁଥିବାର ଅଭିଯୋଗ ହୋଇଛି। ଏହି କଳା ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟି କରିବା ସହ ମନମୁଖି ଭାବେ ଦରଦାମ ବୃଦ୍ଧି କରୁଥିବାର ଅଭିଯୋଗ ହୋଇଛି। ଦରଦାମ ଆକାଶ ଛୁଆଁ ହୋଇଥିବା କାରଣରୁ ଗରିବ ଶ୍ରେଣୀୟ ଲୋକମାନେ ଆର୍ଥୀକ ଶୋଷଣର ଶୀକାର ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ମୁନଫାଖୋର ବ୍ୟବସାୟୀମାନେ ଚାହିଦାକୁ ଆଖି ଆଗରେ ରଖି ଅତ୍ୟନ୍ତ ନିମ୍ନମାନର ଅପମିଶ୍ରିତ ଖାଉଟି ସାମଗ୍ରୀ ବିକ୍ରୟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ମାପ ଓଜନରେ ମଧ୍ୟ ବ୍ୟାପକ ଠକେଇ କରାଯାଉଥିବାର ଅଭିଯୋଗ ହୋଇଛି। ବଜାରରେ ଏହି ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟି କରୁଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଏଦିଗରେ କୌଣସି ଅଙ୍କୁଶ ଲଗାଯାଉନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ଅଂଚଳର କଳା ବ୍ୟବସାୟୀମାନଙ୍କ ପ୍ରତିଷ୍ଠାନ ଉପରେ ଚଢାଉ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ଧାନ ଚାଷର ଇନସ୍ୟୁରାନ୍ସ ଲାଗୁ କରିବାକୁ ଦାବି



**ଭବାନୀପାଟଣା,(ନି.ପ୍ର):** ୨୦୨୩-୨୪ ଆର୍ଥିକ ବର୍ଷ ଖରିଫ ଧାନଚାଷର ଇସ୍ୟୁରେନ୍ସ ଲାଗୁ କରିବାକୁ ଦାବି କରିଛନ୍ତି ରାକ୍ସି ପଞ୍ଚାୟତର ଚାଷୀ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ରାକ୍ସି ପଞ୍ଚାୟତର ଚାଷୀମାନେ ମଙ୍ଗଳବାର ଏନେଇ ଏଡିଏମ ତନ୍ମୟ କୁମାର ଦରଓ୍ୱାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ରାକ୍ସି ପଞ୍ଚାୟତର ୪ ଖଣ୍ଡ ଗ୍ରାମର ଚାଷଜମିକୁ ଜଳସେଚନର କୌଣସି ସୁବିଧା ନାହିଁ। ଗତବର୍ଷ ରାକ୍ସି ପଞ୍ଚାୟତରେ ମରୁଡ଼ି ହୋଇଥିଲା। କିନ୍ତୁ ଏହି ଅଞ୍ଚଳରେ ଇସ୍ୟୁରେନ୍ସ ଲାଗୁ ହୋଇନାହିଁ। ଅପରପକ୍ଷରେ ଏହି ପଞ୍ଚାୟତର ପଡ଼ୋଶୀ ପଞ୍ଚାୟତ ମାନଙ୍କର ଚାଷୀ ଇସ୍ୟୁରେନ୍ସ ପଇସା ପାଇ ସାରିଲେଣି। ତେଣୁ ୨୦୨୩-୨୦୨୪ ବର୍ଷରେ ମରୁଡ଼ି ପ୍ରପୀଡ଼ିତ ରାକ୍ସି ପଞ୍ଚାୟତକୁ ଧାନଚାଷର ଇସ୍ୟୁରେନ୍ସ ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଚାଷୀନେତା ବିଜୟ ଧଙ୍ଗଡାମାଝୀ, କୃଷ୍ଣ ମାଝୀ, ଡ଼ଃ ଭବାନୀଶଙ୍କର ନିଆଲ, ରାକ୍ସି ସରପଞ୍ଚ ଜେମନ୍ତ ପୋଢ, ସଞ୍ଜୟ ଧଙ୍ଗଡାମାଝୀ, ପ୍ରଫୁଲ୍ଲ ଗଉଡ, ସୁନୀଲ ଧଙ୍ଗଡାମାଝୀ, ଟିକେମଣି ଗଉଡ, ସତ୍ରୁଘନ ଧଙ୍ଗଡାମାଝୀ, ଚକିତ ତାଣ୍ଡି, ଚନ୍ଦ୍ରଧ୍ୱଜ ମାଝୀ, କିଶୋର ଗଉଡ, ଦିନବନ୍ଧୁ ଗଉଡ, ତୁଳସି ଧଙ୍ଗଡାମାଝୀ, ବିଭିଷଣ ଧଙ୍ଗଡାମାଝୀଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

# ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଚଳାବସ୍ଥା,ଲୋକେ ହିନସ୍ତା

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଣେ ସହକାରୀ ଯନ୍ତ୍ରୀ, ୩ ଜଣ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି। ଏହି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ସରୋଜ କୁମାର ଗାହାଣ ଗତ କିଛି ଦିନ ହେଲା କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସହକାରୀ ଯନ୍ତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନାହିଁ। କଟକର ଚିନ୍ମୟୀ ପଲେଇଙ୍କୁ ଅତିରିକ୍ତ ସହକାରୀ ଯନ୍ତ୍ରୀ ସାୟୀତ୍ୱରେ ରଖାଯାଇଛି। ସେ କଟକରେ ଦାୟୀତ୍ୱରେ ରହିଥିବା କାରଣରୁ ନିଶ୍ଚିନ୍ତକୋଇଲି ପ୍ରତି ଉପଯୁକ୍ତ ସମୟ ଦେଇପାରୁନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି କାର୍ଯ୍ୟାଳୟର ଜଣେ କନିଷ୍ଠ ଯନ୍ତ୍ରୀ ବହୁ ଦିନ ହେଲା ରୋଗାକ୍ରାନ୍ତ ହୋଇ ଚିକିତ୍ସାଧିନ ରହିଛନ୍ତି। ଅନ୍ୟଜଣେ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ମଧ୍ୟ ଖାଲି ପଡିଛି। ଜଣେମାତ୍ର କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଦୀର୍ଘ ଦିନ ହେଲା କାର୍ଯ୍ୟାଳୟ ନା ନା ଅବ୍ୟବସ୍ଥା ଘେରରେ ଚାଲିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ନିୟମିତ କାର୍ଯ୍ୟାଳୟକୁ ଆସୁନଥିବାର ଅଭିଯୋଗ ହୋଇଛି। ଫଳରେ ମାସର ଅଧିକାଂଶ ସମୟ ଏହି କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଛି। କୌଣସି କର୍ମଚାରୀ ନଥିବା କାରଣରୁ ଏହି କାର୍ଯ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। କର୍ମଚାରୀ ନଥିବା କାରଣରୁ ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। କର୍ମଚାରୀ ନଥିବା କାରଣରୁ ଏହି କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟକରୁଥିବା ପ୍ରକଳ୍ପ ଗୁଡିକ ଠିକାଦାରଙ୍କ ମର୍ଜିରେ ଓ ମନମୁଖି ଭାବେ ଅତ୍ୟନ୍ତ ମନ୍ଥରଗତିରେ ଚାଲୁଥିବାର ଅଭିଯୋଗ ହୋଇଛି। କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ କରୁନଥିବା କାରଣରୁ ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଠିକାଦାରମାନେ ମଧ୍ୟ ସେମାନଙ୍କ ବକେୟା ପ୍ରାପ୍ୟ ଠିକ୍ ଭାବେ ପାଇପାରୁନଥିବାର ଅଭିଯୋଗ ହୋଇଛି। ତେବେ କର୍ମଚାରୀ ମରୁଡି ଯୋଗୁ ଏହି କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର ପ୍ରତିକାର ନିମନ୍ତେ ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି କାର୍ଯ୍ୟାଳୟରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ନବ ଦିନାତ୍ମକ ଶ୍ୟାମାକାଳୀ ପୂଜା ନିମନ୍ତେ କଳସ ଯାତ୍ରା



**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ଶ୍ୟାମାକାଳୀଙ୍କ ନବ ଦିନାତ୍ମକ ପୂଜା ମହୋତ୍ସବ ସକାଶେ ମଙ୍ଗଳବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପଣ୍ଡିତ ଅଶ୍ୱିନୀ କୁମାର ରଥଙ୍କ ପୌରହିତ୍ୟରେ ୫ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନସିକ ଧାରୀ ମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ନିକଟସ୍ଥ ଗଣେଶ୍ୱରପୁର ଗ୍ରାମ ଦେଇ ଯାଇଥିବା କହ୍ନେଇନାଳ ଡ୍ୟାମରୁ ଗଙ୍ଗାମାତାଙ୍କୁ ଆହ୍ୱାନ କରାଯାଇ ବାଦ୍ୟ ବାଦନ, ହୁଳହୁଳି ନାଦ ସହକାରେ ବିରାଟ ଶୋଭାଯାତ୍ରାରେ ଜଳଯାତ୍ରା କରି ମନ୍ଦିର ବେଢାକୁ ଅଣାଯାଇଥିଲା। ଦୀର୍ଘ ୯ ଦିନ ଧରି ମାଁଙ୍କ ପୀଠରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଦଜ୍ଞ, କର୍ମକାଣ୍ଡବିତ, ଜ୍ଞାନୀ ପଣ୍ଡିତ ମାନଙ୍କ ବୈଦିକ ଶାସ୍ତ୍ର ଅନୁଯାୟୀ ପ୍ରଥମ ଦିବସରେ ଜଳଯାତ୍ରା ସମେତ ବ୍ରାହ୍ମଣ ବରଣ, ଅଧିବାଶ, ମଣ୍ଡଳକରଣ, ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ପୂଜାର୍ଚ୍ଚନା ଆୟୋଜନ କରାଯାଇଥିଲା। ମାଁ ଯାତ୍ରା ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କର୍ତ୍ତା ରୂପେ ଗଦାଧର ଜେନା ତାଙ୍କ ସହଧର୍ମିଣୀ ଲକ୍ଷ୍ମୀ ଜେନା, ଉଦୟ ପ୍ରଧାନ ଓ ଶଶୀ ପ୍ରଧାନ ଏବଂ ଭଗବାନ ବିଷୋୟୀ ସହ ରୀତା ବିଷୋୟୀ ଆସନ ଅଳଙ୍କୃତ କରିଥିଲେ। ଯାତ୍ରାକୁ ନେଇ ସମଗ୍ର ଗ୍ରାମ ଉତ୍ସବ ମୁଖର ରହିଥିବା ବେଳେ ମାଁଙ୍କ ଯାତ୍ରା ବେଢାରେ ଦର୍ଶନ ଓ ସନ୍ଧ୍ୟା ଆଳତି ଲାଗି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳିଥିଲା। ମୀନା ବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦୁରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳଙ୍କୁ ବେଶ୍ ଆକର୍ଷିତ କରିବ ବୋଲି ଯାତ୍ରା କମିଟି କହିଛନ୍ତି। ଯଜ୍ଞ କମିଟି ସଭାପତି ଟୁକୁନା ପ୍ରଧାନ, ସଂପାଦକ ଭଗବାନ ବିଷୋୟୀ, କୋଷାଧ୍ୟକ୍ଷ ପ୍ରଦୀପ ବେହେରା, ଉପଦେଷ୍ଟା ପୂର୍ବତନ ସରପଞ୍ଚ ଗଦାଧର ଜେନା, ହରିକୃଷ୍ଣ ପଟ୍ଟନାୟକ, ବନମାଳୀ ଜେନା, କିଶୋର ଚନ୍ଦ୍ର ଶତପଥୀ ସରୋଜ କୁମାର ଜେନା ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଏବଂ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ଜଣାପଡିଛି।

# ସାମାଜିକ ନାଟକ 'ସତଠୁ ସପନ ଅନେକ ଦୂର' ମଞ୍ଚସ୍ଥ



**ଗୁଣପୁର,(ନି.ପ୍ର):** ସ୍ଥାନୀୟ କଳାକାରମାନଙ୍କୁ ନେଇ ବିବିଏନ ପୂଜାକମିଟି ଦ୍ୱାରା ମାଁ ଗଜଲକ୍ଷ୍ମୀ ପୂସାମାଜିକ ନାଟକ 'ସତଠୁ ସପନ ଅନେକ ଦୂର' ମଞ୍ଚସ୍ଥ ହୋଇଥିଲା। ନୃସିଂହ ନାଥ ଶତପଥି ନିର୍ଦ୍ଦେଶକ, ସୀତାରାମ ପାତ୍ର ପରିଚାଳନା ଓ ଦିଲୀପ କୁମାର ଚୌଧୁରୀ ସଂପାଦକ ରୂପେ ଥିଲେ। ଗୁଣପୁରର ସ୍ଥାନୀୟ କଳାକାରମାନେ ମୁଖ୍ୟ ଭୂମିକାରେ ନରସିଂହ ଶତପଥି, ସୁଶାନ୍ତ କୁମାର ପ୍ରଧାନ, ଦେବାଶିଷ ସାହୁ,ଦିଲୀପ କୁମାର ଚୌଧୁରୀ,ରାଜାବାବୁ ଶତପଥି, କୀର୍ତ୍ତୀ ପଣ୍ଡା, ପ୍ରଫୁଲ୍ଲ ଶତପଥି, ପ୍ରମୋଦ କୁମାର ରଥ, ପ୍ରମୋଦ କୁଣ୍ଡ, ରମାକାନ୍ତ ମହାପାତ୍ର ଓ କୁନି କଳାକାର ଅଂଶୁମାନ ତଥା ଅତିଥି କଳାକାର ଭାବେ ସୀତାରାମ ପାତ୍ର, ଅକ୍ଷରିକ ପରିଡ଼ା ଓ ଦିପକ ପଣ୍ଡା ଅଭିନୟ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ମହିଳା କଳାକାର ରୋଜି ପରିଡ଼ା, ସୋନାଲି ସିଂ, ମୀନାରାଣୀ ନାୟକ, ସାଧନା ମହାପାତ୍ର, ଅଞ୍ଜଳୀ କର, ରଞ୍ଜିତା ନାୟକ ଅଭିନୟ କରିଥିଲେ। ମାଁ ତାରିଣୀ ଚିତ୍ରାଳୟ ଓ ସଂଗୀତ ବ୍ରହ୍ମପୁରରୁ ତଥା ନୃତ୍ୟ ଦଳ ପୁରୀରୁ ଆସିଥିଲେ। ପୁରୁଷ କଣ୍ଠଶିଳ୍ପୀ ରୂପେ ବ୍ରହ୍ମପୁର ପ୍ରସାଦ କୁମାର ସାହୁ ଓ ମହିଳା କଣ୍ଠଶିଳ୍ପୀ ଜଗତସିଂପୁର ରଗୀତି ପ୍ରୀୟା ସ୍ୱାଇଁ ଥିଲେ। ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ରାତ୍ରି ୧୦ ଘଟିକାଠାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ନାଟକ ମଝିରେ ଜାତୀୟ ସଂଗୀତର ଧ୍ୱନୀରେ ସମସ୍ତେ ନିଜ ନିଜ ସ୍ଥାନରୁ ଉଠି ଦେଶଭକ୍ତି ପ୍ରଦାନ କରିଥିଲେ। ପୂର୍ବରୁ ୨୦୧୯ରେ ମଧ୍ୟ କୋଟେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ସାମାଜିକ ନାଟକ ଉକ୍ତ କଳାକାରମାନଙ୍କୁ ନେଇ ବେଶ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ସତଠୁ ସପନ ଦୂର ନାଟକ (ଅପେରା) ଆରମ୍ଭ ହେବା ପୂର୍ବରୁ ଗୁଣପୁର ଅଧକ୍ଷା ମମତା ଗୌଡ଼, ଉପାଧକ୍ଷା ଶିବ ପ୍ରସାଦ ଗୌଡ଼ଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ବିବିଏନ ପୂଜା କମିଟି ଦ୍ୱାରା ଉଭୟଙ୍କୁ ସମ୍ମାନିତ କରାଯାଇଥିଲା। ବିବିଏନ୍ ପୂଜା କମିଟି ସଭାପତି ପଟ୍ଟନାୟକ, ଉପ ସଭାପତି ଦିପୁ ପଟ୍ଟନାୟକ, ଦୁର୍ଗା ପାଣିଗ୍ରାହୀ, ଲକ୍ଷ୍ମୀ ମହାଙ୍କୁଡ, ବାବୁଲା ରଥ, ନିଖିଳ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ନାଟକକୁ ଦର୍ଶକ ବୃନ୍ଦ କଳାକାର ମାନଙ୍କୁ ପ୍ରଶଂସା କରିଥିଲେ।

# ସ୍ତ୍ରୀ ହତ୍ୟା ଉଦ୍ୟମ ମାମଲାରେ ସ୍ୱାମୀ ଗିରଫ

**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଗତ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀ ବେଦମୋତି ଦୋରା ନିଜ ସ୍ୱାମୀ ଗଳା ଚିପି ହତ୍ୟା ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏତଲାକୁ ଭିତ୍ତିକରି ଥାନା କେସ୍ ନଂ ୪୦୮/୨୪ ଅନୁସାରେ ତଦନ୍ତ ଚଳାଇଥିଲା। ତେବେ ମଙ୍ଗଳବାର ଦିନ ସ୍ତ୍ରୀକୁ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମରୁ ଅଭିଯୁକ୍ତ ସ୍ୱାମୀ ଏସ୍ .ଦୀନବନ୍ଧୁ ଦୋରାଙ୍କୁ ଗିରଫ କରିଛି। ଖବରପ୍ରକାରେ, ଅଭିଯୁକ୍ତ ଜଣକ ୧୦ ବର୍ଷ ପୂର୍ବେ ବେଦମୋତିଙ୍କୁ ବିବାହ କରିଥିବା ବେଳେ ତାଙ୍କର ୨ ଟି ଝିଅ ରହିଛନ୍ତି। ଅଭିଯୁକ୍ତ ପୂର୍ବରୁ ସୁରତରେ କାମ କରିବା ପରେ କୋଭିଡ ସମୟରେ ଘରକୁ ଆସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ କାମକୁ ନ ଯାଇ ଘରେ ବସି ସ୍ତ୍ରୀଙ୍କୁ ଗାଳିଗୁଲଜ କରୁଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଏହାପରେ ସେ ବିଶାଖାପାଟଣାରେ କାମ କରୁଥିବା ବେଳେ ଦଶହରାରେ ଘରକୁ ଫେରିଥିଲେ। ତେବେ କୌଣସି କାରଣରୁ ସେ ଘଟଣା ଦିନ ଦିଗପହଣ୍ଡିରୁ ଯାତ୍ରା ଦେଖି ଘରକୁ ଫେରି ଶୋଇଥିବା ଅବସ୍ଥାରେ ପତ୍ନୀଙ୍କୁ ଦେଖି ହତ୍ୟା ଉଦ୍ୟମ କରିଥିଲେ। ଚିତ୍କାର କରିବାରୁ ଶାଶୁ ଓ ସାହି ପଡୋଶୀ ଆସି ଛଡ଼ାଛଡ଼ି କରିବା ପରେ ସେ ନିଜ ବାପା ଘରକୁ ଚାଲି ଯାଇଥିଲେ। ଗୁରୁବାର ସକାଳୁ ତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଣିବାକୁ ଶାଶୁ ଘରକୁ ଯାଇଥିବା ବେଳେ ସ୍ୱାମୀ ପୁଣିଥରେ ତାଙ୍କୁ ଆକ୍ରମଣ କରିବାସହ ତଣ୍ଟି ଧରି ମାଡ଼ି ବସିଥିଲେ। ଯାହାଫଳରେ ବେଦମୋତି ଥାନାରେ ଏତଲା ଦେଇଥିଲେ। ତେବେ ଅପରାହ୍ନରେ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ



# ଜିଲ୍ଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ଅଭିଯାନ କାର୍ଯ୍ୟକ୍ରମ

**ଭବାନୀପାଟଣା,(ନି.ପ୍ର):** ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକମ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଜିଲ୍ଲାରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଚେତା ପାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲାପାଳ, ବିଭିନ୍ନ ବିଭାଗର ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣେଇବା ସହିତ ଏହି ଅଭିଯାନ ସମ୍ବନ୍ଧେ ଓ ତମାଖୁର କୁପ୍ରଭାବ ଓ ଏହାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ଉପରେ ସମ୍ୟକ ସୂଚନା ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାକେଶ କୁମାର ସାହୁ ଏହି ଯୁବ ଅଭିଯାନର ମୂଳ ଉଦ୍ଦେଶ୍ୟ, ଗତ ଅଭିଯାନରେ କଳାହାଣ୍ଡି ଜିଲ୍ଲାରେ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ତଥା ଏହି ବର୍ଷ ଅଭିଯାନର ୫ଟି ମୁଖ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର- ଅଣସଂକ୍ରମଣ ରୋଗ, ହିମାଂଶୁ ଶେଖର ବାରିକ ଏହି ଅଭିଯାନରେ ଥିବା ବିଭିନ୍ନ ବିଭାଗର ଦାୟିତ୍ୱ ଭୂମିକା, ଜିଲ୍ଲା ସ୍ତରୀୟ ଯୋଜନା ଓ ଅଭିଯାନର ଅନଲାଇନ ଡାଟା ଏଣ୍ଟ୍ରି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅଭିଯାନରେ ୫ ଟି ମୂଳ କାର୍ଯ୍ୟକ୍ରମ ଅଛି ଯଥା: ତମାଖୁର କୁପ୍ରଭାବ ଉପରେ ଜନ ସଚେତନତା ସୃଷ୍ଟି କରିବା, ଜିଲ୍ଲା ର ୧୬୦ଟି ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ କରିବା, ୨୦ଟି ଗାଁକୁ ତମାଖୁମୁକ୍ତ କରିବା, ୧୬ଟି କୋଟପା ପେକା ଏନଫୋର୍ସମେଣ୍ଟ ଡ୍ରାଇଭ କରିବା ଓ ସବୁ କାର୍ଯ୍ୟକ୍ରମକୁ ଅନଲାଇନ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକର୍ମରେ ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ନାୟକ-ସୁପରିଟେଣ୍ଡେଣ୍ଟ ଅବକାରୀ ବିଭାଗ, ଡ. ରଞ୍ଜନ ମିତ୍ର- ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡି ଏଚ ଏଚ, ବିଚିତ୍ରାନନ୍ଦ ସେଠି ପୋଲିସ ଡ଼ିଏସପି,ହଳଧର ନିଆଲ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁଶାନ୍ତ କୁମାର ଚୋପଦାର ଜିଲ୍ଲା ଶିକ୍ଷା ଅଧିକାରୀ, ନିହାର ରଞ୍ଜନ ଠାକୁର, ଏପିଡେମିଓଲୋଜିଷ୍ଟ ତଥା ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ, ବ୍ଲକ ସ୍ତରୀୟ ବିପିଏଚଓ, ବିପିଏମ, ଆଶା ଓ ବିଏସଏ ଏନଜିଓର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ପରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ କୋଡିନେସନ କମିଟିର ବୈଠକ ମଧ୍ୟ ହୋଇଥିଲା ଓ ପୂର୍ବ କାର୍ଯ୍ୟକ୍ରମ ଉପରେ ଆଲୋଚନା ଓ ଆଗାମୀ କାର୍ଯ୍ୟକ୍ରମ ଉପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା।

**ନୂଆପଡ଼ା,(ନି.ପ୍ର):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ଏହା ଦ୍ୱିତୀୟ ବୈଠକ ଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥଲେ। ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ବିଗତ ବୈଠକର ବିବରଣୀ ପାଠ କରି ଥିଲେ। ଏହା ଉପରେ ଆଲୋଚନା ପର୍ଯ୍ୟାଲୋଚନା ପରେ ଆସନ୍ତା ମାସ ପାଇଁ ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ ଆନ୍ତ ବିଭାଗୀୟ ବିସଂଗତି ସବୁ ତାଙ୍କ ନଜରକୁ ଆଣି ସେସବୁର ଶୀଘ୍ର ସମାଧାନ କରାଯିବ। କୋର୍ଟ କେସ ଗୁଡିକର ଶୀଘ୍ର ଫୈସଲା ଦିଗରେ ପଦକ୍ଷେପ ନିଆଯିବ। ଉନ୍ନୟନ କାର୍ଯ୍ୟନିର୍ବାହି ସଂସ୍ଥା ସେମାନଙ୍କ କାମ ଠିକ୍ ସମୟରେ ସାରିବେ। ଜିଲ୍ଲାର ସମସ୍ତ ଅଧିକାରୀ ଗଣ ରକ୍ତଦାନ ଶିବିର ଆୟୋଜନ ଏବଂ ରେଡ୍ କ୍ରସ୍ ପାଣ୍ଠି ବୃଦ୍ଧିରେ ସାହାଯ୍ୟ କରିବେ। ପୂର୍ତ୍ତ ବିଭାଗ ନୂଆପଡ଼ା ସହରରେ ଗୋଟିଏ ଉନ୍ନତ ଲାଇବ୍ରାରୀ ଗୃହ ଓ ଅଫିସର୍ସ କ୍ଲବ୍ ଗୃହ ଯୋଗାଇଦେବେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ମହାଦେବ ବଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସମସ୍ତ ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ର ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତେ ମନପ୍ରାଣ ଢାଳି ଉତ୍ସର୍ଗୀକୃତ ହିସାବରେ ନିଜର ବିଭାଗୀୟ କର୍ମ ସମ୍ପାଦନ କଲେ ଜିଲ୍ଲାର ଦୃତ ଉନ୍ନତି ସାଧିତ ହୋଇପାରିବ ବୋଲି ଜିଲ୍ଲାପାଳ ମତପ୍ରକାଶ କରିଥିଲେ।

## ଫୋକସରେ ଓଡ଼ିଶା

ଆଗାମୀ ପଞ୍ଚାୟତ ନିର୍ବାଚନ ସହ ୨୦୨୯ ନିର୍ବାଚନରେ ବିଜେପିକୁ କିପରି ସଫଳତା ମିଳିବ ସେଥିଲାଗି ବିଧିବଦ୍ଧ ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଛନ୍ତି । ଓଡ଼ିଶାରେ ଦୀର୍ଘ ସଂଘର୍ଷ ପରେ ବିଜେପି ଏବେ ସଫଳ ହୋଇଛି । ଏଥିଲାଗି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ଅନେକ ଦିନ ଲାଗିଗଲା । ଏବେ ବି ୟୁପି, ଗୁଜରାଟ, ମଧ୍ୟପ୍ରଦେଶ ଭଳି ରାଜ୍ୟ ତୁଳନାରେ ଓଡ଼ିଶାରେ ବିଜେପି ସଙ୍ଗଠନ ସେପରି ସୁଦୃଢ଼ ହୋଇନି । କେବଳ ଲୋକେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ଏବଂ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ବିଜେପିକୁ ଭୋଟ ଦେଲେ । ସେଥିପାଇଁ ଲୋକସଭାରେ ଓଡ଼ିଶାର ୨୧ ଆସନ ମଧ୍ୟରୁ ବିଜେପିକୁ ୨୦ଟି ଆସନ ମିଳିଲା । କିନ୍ତୁ ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନ ସୁଦୃଢ଼ ନଥିବାରୁ ବିଧାନସଭାରେ ବିଜେପି ୭୮ଟି ଆସନ ଜିତି ସରକାର ଗଢ଼ିବାକୁ ସକ୍ଷମ ହେଲା । ଅଳ୍ପକେ ବିଜେଡି ହାରିଗଲା । ନଚେତ ବିଜେପିକୁ ଓଡ଼ିଶାରେ କ୍ଷମତା ଦଖଲ ନିମନ୍ତେ ଆହୁରି ୫ ବର୍ଷ ସଂଘର୍ଷ କରିବାକୁ ପଡ଼ିଥାଆନ୍ତା । ତେବେ ଏହି ସଫଳତାକୁ କିପରି ବଜାୟ ରଖିବାକୁ ପଡ଼ିବ ଏବଂ ଗୁଜରାଟ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ବିଜେପି କିପରି ବହୁ ବର୍ଷ କ୍ଷମତାରେ ରହିପାରିବ ସେଥିଲାଗି ଉଦ୍ୟମ କରିବାକୁ ନଡ୍ଡା ପରାମର୍ଶ ଦେଇଛନ୍ତି । କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଗତ ୧୦ ବର୍ଷ ଭିତରେ ଅନେକ ବିକାଶମୂଳକ ପଦକ୍ଷେପ ନେଇଛନ୍ତି, ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଓଡ଼ିଶାର ବିକାଶନିମନ୍ତେ କେନ୍ଦ୍ର ସରକାର ବିପୁଳ ଅର୍ଥ ଅନୁଦାନ ଆକାରରେ ଦେଇଛନ୍ତି । ବିଶେଷ କରି ଓଡ଼ିଶାରେ ରେଳବାଇର ବିକାଶ ଏବଂ ସାମଗ୍ରିକ ଭିତ୍ତିଭୂମିର ବିକାଶ ନିମନ୍ତେ ମୋଦି ସରକାର ଅନେକ ସହାୟତା ଦେଇଛନ୍ତି । ଗରିବଙ୍କୁ ମାଗଣା ଚାଉଳ, ଆବାସ ଯୋଜନାରେ ଘର , ମାଗଣା ସ୍ୱାସ୍ଥ୍ୟ ସେବା, ଚାଷୀଙ୍କୁ ସହାୟତା ଦେଇଛନ୍ତି । କିନ୍ତୁ ପୂର୍ବ ସରକାର ଏହାକୁ ହାଇଜାକ୍ କରି ନିଜ ନାମରେ କରିବା ସହିତ ବାହାବା ନେଇଛନ୍ତି । ଏବେ ସମୟ ଆସିଛି ଓଡ଼ିଶାବାସୀଙ୍କୁ ବାସ୍ତବତା ସମ୍ପର୍କରେ ଅବଗତ କରାଇବା ଏବଂ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ଲାଗି କ'ଣ କରିଛନ୍ତି ତାହାକୁ ପ୍ରଚାର ପ୍ରସାର କରିବା ସହିତ ଏହାର ଫାଇଦା ଯେପରି ରାଜ୍ୟର ସମସ୍ତ ଯୋଗ୍ୟ ବ୍ୟକ୍ତି ପାଇପାରିବେ ସେ ଦିଗରେ ଉଦ୍ୟମ କରିବାକୁ ଦଳୀୟ ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି । ନଡ୍ଡା କହିଛନ୍ତି ଯେ, ବିଜେପିରେ ପରିବାରବାଦ ରାଜନୀତି ନାହିଁ । ନେତାଙ୍କ ପୁଅ ନେତା ହେବ ସେଭଳି ବ୍ୟବସ୍ଥା ଏହି ଦଳରେ ନାହିଁ । ଏଠାରେ ଦୁର୍ନୀତିକୁ ପ୍ରଶ୍ରୟ ବା ଘଣ୍ଟଘୋଡ଼ାଇବାକୁ ଉଦ୍ୟମ ହୁଏନି । ସମାଜର ସବୁଠାରୁ ତଳ ସ୍ତରରେ ଥିବା ବ୍ୟକ୍ତିଙ୍କୁ ଯେପରି ନ୍ୟାୟ ମିଳିପାରିବ, ସମସ୍ତ ଯୋଜନାର ସୁଫଳ ସେ ପାଇପାରିବେ ସେ ଦିଗରେ ଉଦ୍ୟମ ହୋଇଥାଏ । ଦଳର ତୃଣମୂଳ ସ୍ତରର କର୍ମୀ ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇପାରିବେ । ବିଜେପିର ଏହା ହେଉଛି ସ୍ୱତନ୍ତ୍ରତା । ଏ ସମ୍ପର୍କରେ ସାଧାରଣ ଜନତାଙ୍କୁ ବୁଝାଇବା, ସେମାନଙ୍କୁ ଦଳ ପ୍ରତି ଆକୃଷ୍ଟ କରିବା ଏବଂ ବିଜେପିରେ ସାମିଲ କରିବା ଲାଗି ନଡ୍ଡା ଆହ୍ୱାନ କରିଛନ୍ତି । ଗତ ଜୁନ ମାସରେ ଓଡ଼ିଶାରେ ବିଜେପି କ୍ଷମତାସୀନ ହେବା ପରଠାରୁ ଦଳୀୟ ନେତାମାନେ ଅନେକ ଥର ଓଡ଼ିଶା ଆସିଲେଣି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା, ଅନ୍ୟ କେନ୍ଦ୍ରମନ୍ତ୍ରୀ ମାନେ ବାରମ୍ବାର ଓଡ଼ିଶା ଆସିଛନ୍ତି । ଦଳୀୟ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଛନ୍ତି । ଏହା ଫଳରେ ନିର୍ବାଚନ ପରେ ମଧ୍ୟ ବିଜେପି କର୍ମୀମାନେ ଶୋଇପଡ଼ି ନାହାଁନ୍ତି ।

## ପ୍ରାକୃତିକ କୃଷି ନିମନ୍ତେ ଲିମ୍ବ ଏବଂ ଅନ୍ୟାନ୍ୟ ବୃକ୍ଷ

॥ ଦୋଳଗୋବିନ୍ଦ ପଣ୍ଡା ॥

> " ଆସନ୍ତୁ ଆଲୋଚନା କରିବା ପିଡିଆମାନଙ୍କ ମଧ୍ୟରେ "ରାଜା"ଙ୍କ ସମ୍ବନ୍ଧରେ । ସେ ହେଉଛି ଲିମ୍ବପିଡିଆ । ଏହା ମାଟିର ଉର୍ବରତା ବଢ଼ାଇବା ସହିତ ମାଟିରେ ଥିବା ରୋଗ, ପୋକ ଇତ୍ୟାଦି ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଲିମ୍ବପିଡିଆରେ ୨ରୁ ୫% ଯବକ୍ଷାରଜାନ୍, ୦.୫ ରୁ ୧% ଫସଫରସ୍, ୧ରୁ ୨% ପଟାସିୟମ୍, ୦.୫ ରୁ ୩% କ୍ୟାଲସିୟମ୍ ଏବଂ ୦.୩ ରୁ ୧.୦% ମ୍ୟାଗ୍ନେସିୟମ୍ ତଥା ଅନ୍ୟାନ୍ୟ ଦରକାରୀ ପୋଷକ ତ୍ୱ ଭରିରହିଥାଏ ।

ପ୍ରାକୃତିକ କୃଷି ହେଉଛି ରାସାୟନିକ ରହିତ ପରମ୍ପରାଗତ କୃଷି । ପ୍ରକୃତି ଆଧାରିତ ଏହି କୃଷିରେ ମୁଖ୍ୟ ଫସଲ, ବୃକ୍ଷରାଶି, ପଶୁପକ୍ଷୀ ଏବଂ ଉପକାରୀ କୀଟପତଙ୍ଗ, ଅଣୁଜୀବ ମାନଙ୍କ ମଧ୍ୟରେ ସନ୍ତୁଳିତ ଜୈବିକ ପ୍ରକ୍ରିୟା ଅହରହ କାର୍ଯ୍ୟରତ ଥାଏ, ଯାହା ଆମେ ସଠିକ୍ ନୀରିକ୍ଷଣ କଲେ ଜାଣିପାରିବା । ଜଳସଂରକ୍ଷଣ, ମାଟିର ଉର୍ବରତା, ବିଭିନ୍ନ ଉପକାରୀ କୀଟଗୁଡିକ ସଂରକ୍ଷଣ, କମ୍ପୋଷ୍ଟ ପ୍ରୟୋଗ ଦ୍ୱାରା ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ତଥା ଚାଷୀଙ୍କ ହାତରେ ଅଧିକରୁ ଅଧିକ ଲାଭ ପ୍ରଦାନ ଉକ୍ତ କୃଷିର ମୁଖ୍ୟ ଲକ୍ଷ୍ୟ ଅଟେ । ମାଟି ଉର୍ବରତାର ମୁଖ୍ୟ ସୂଚନାଙ୍କ ହେଉଛି ମାଟିରେ ଥିବା ଜୈବ କାର୍ବନ ବା ଜୈବ ଅଙ୍ଗାରର ମାତ୍ରା ସାଧାରଣତଃ କୌଣସି ଫସଲ ପାଇଁ ମାଟିରେ ୦.୫% ଜୈବ ଅଙ୍ଗାର ରହିବା କଥା ଯେଉଁ ମାଟିରେ ୨-୩% ଜୈବି ଅଙ୍ଗାର ଥାଏ ସେହି ମାଟିର ଉତ୍ପାଦିକ ଶକ୍ତି ଅଧିକ ଏବଂ ସେହି ମାଟିରେ ପ୍ରାକୃତିକ କୃଷିର ସଫଳତା ମିଳିବାର ସଂଭାବନା ବଢିଯାଇଥାଏ । ମାଟିରେ ଅଧିକ ଜୈବ ଅଙ୍ଗାର ରହିଲେ ମାଟିର ସ୍ତ୍ରକଚର ଅର୍ଥାତ୍ ଗଠନ ଠିକ୍ ହୋଇଥାଏ । ଏହି ମାଟିର ସ୍ଥାୟିତ୍ୱ ଅଧିକ । ମାଟିରେ ଥିବା ଉପକାରୀ ଜୀବାଣୁ ଏବଂ କୀଟାଣୁ ଗୁଡିକ ବୃଦ୍ଧିନିମନ୍ତେ ଜୈବିକ ଅଙ୍ଗାରକ ବିଶେଷ ସହାୟକ ହୋଇଥାଏ ।ମାଟିରେ ଜୈବ ଅଙ୍ଗାର ବୃଦ୍ଧି କରିବାର ଅନେକ ଉପାୟ ଥିଲେ ମଧ୍ୟ ମାଟିକୁ ଆଚ୍ଛାଦନ କରିବା, କମ୍ପୋଷ୍ଟ ବ୍ୟବହାର କରିବା , ମାଟିର ଆର୍ଦ୍ରତା ବଜାୟ ରଖିବା ଇତ୍ୟାଦି ମୁଖ୍ୟ ଉପାୟ ଗୁଡିକ ଅଟେ । ପ୍ରାକୃତିକ କୃଷି ପ୍ରଣାଳୀରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆମ ଚାଷଜମି ଆଖପାଖରେ ଗଛଗୁଡିକ ଥିଲେ ମାଟିରେ ଜୈବ ଅଙ୍ଗାର ବୃଦ୍ଧି କରିବାରେ ସହାୟକ ହୋଇଥାନ୍ତି । ଗଛଗୁଡିକର ପତ୍ର ଶୁଖି ମାଟିରେ ପଡି ମାଟିରେ ମିଶିଯାଏ ଏବଂ ମାଟିରେ ଅଙ୍ଗାରର ମାତ୍ରା ବଢାଇଥାଏ । ଚାଷ ଜମିର ପାର୍ଶ୍ୱରେ ଛୋଟ ଛୋଟ ଗଛ ରହିଲେ ତାହା ଚାଷପାଇଁ ବିଶେଷ ସହାୟକ ହୋଇଥାଏ । ଗଛରେ ଚଢେଇମାନେ ବସନ୍ତି ଏବଂ ଫସଲକୁ ନଷ୍ଟ କରୁଥିବା କୀଟ ଗୁଡିକୁ ଧରି ଖାଇଦିଅନ୍ତି । ଚଢ଼େଇମାନେ ବସନ୍ତି ଏବଂ ଫସଲକୁ ନଷ୍ଟ କରୁଥିବା କୀଟଗୁଡିକୁ ଧରି ଖାଇ ଦିଅନ୍ତି । ଚଢେଇମାନେ ମଳତ୍ୟାଗ କରୁଥିବାରୁ ମାଟିକୁ ଜୈବିକସାର ମଧ୍ୟ ମିଳିଥାଏ । ଗଛଥିଲେମାଟିର ଜଳଧାରଣ ଶକ୍ତି ବଢିଥାଏ । ଏଣୁ ପ୍ରକୃତିକ କୃଷି ନିମନ୍ତେ ବୃକ୍ଷ ସଂରକ୍ଷଣ ଏବଂ ବୃକ୍ଷରୋପଣ ନିତାନ୍ତ ଜରୁରୀ ।ମାଟିର ଉର୍ବରତା ବୃଦ୍ଧି ନିମନ୍ତେ ଜଙ୍ଗଲ ଏବଂ ବୃକ୍ଷଲତାର ବଡ଼ ଭୂମିକା ରହିଛି । ଆମେ ଆଲୋଚନା କରିବା ଯେ ଚାଷପାଇଁ ଉପଯୁକ୍ତ ଗଛଲତା ଚାଷ ଜମିରେ ଅଛି କି ? ଉପକୂଳ ତଥା ସମତଳ ଅ ଳରେ ଚକବନ୍ଦି ଯୋଜନା ସମୟରେ ଅନେକ ଗଛ କାଟି ଦିଆଗଲା । ଏହି ଯୋଜନାରେ ଜଣେଚାଷୀର ବିଭିନ୍ନ ସ୍ଥାନରେ ଥିବା ଜମିର କ୍ଷେତ୍ରଫଳକୁ ମିଶାଯାଇ ଗୋଟିଏ ସ୍ଥାନରେ ଏକ ଚକ ଆକାରରେ ଦିଆଗଲା । ଯାହାର ଜମି ହସ୍ତାନ୍ତର ହେଲା ସେ ନିଜ ଜମିରେ ଥିବା ସମସ୍ତ ଗଛକାଟି ପକାଇଲେ । ଏଣୁ ଆଜିକାଲି ଚକବନ୍ଦୀ ହୋଇଥିବା ଅ ଳରେ ଚାଷଜମି ଭିତରେ ପ୍ରାୟତଃ ଛୋଟ ବଡ ଗଛ ଦେଖିବାକୁ ମିଳୁନାହିଁ । ଫଳତଃ ରୋଗ ପୋକ ଦମନ ଏକ ବଡ ସମସ୍ୟା ହୋଇ ଦେଖା ଦେଇଛି । ବିଶେଷକରି ଧାନ ଫସଲରେ ରୋଗ ପୋକ ଆକ୍ରମଣ ବର୍ଷକୁ ବର୍ଷ ବଢି ଚାଲିଛି ।ପ୍ରାକୃତିକ କୃଷିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ରାସାୟନିକ ସାର ବଦଳରେ ଜୈବିକ ପଦାର୍ଥ ପ୍ରୟୋଗ କରି ମାଟିର ଉର୍ବରତା ବଢାଇବା । ସବୁଜ ବିପ୍ଳବ ଆରମ୍ଭ ହେବା ପୂର୍ବରୁ ଆମ ପୂର୍ବଜମାନେ ଗୋବରଖତ ସହିତ ପିଡିଆ ପ୍ରୟୋଗ କରି ମାଟିକୁ ପ୍ରସ୍ତୁତ କରୁଥିଲେ । ଚାଷୀମାନଙ୍କ ପାଖରେ ଉପଲବ୍ଧ ସୋରିଷ, ରାଶି, ବାଦାମ, କୁସୁମ, ଟୋଳ, ଲିମ୍ବ ଏବଂ କରଞ୍ଜି ପିଡିଆକୁ ସେମାନେ ନିଜ ଜମିରେ ବ୍ୟବହାର କରୁଥିଲେ, ଉକ୍ତ ପିଡିଆ ସବୁରେ ମୁଖ୍ୟତଃ ଯବକ୍ଷାରଜାନ୍, ଫସଫରସ୍ ଏବଂ ପୋଟାସ୍ ଜାତୀୟ ପୋଷକ ତ୍ୱ ଅଧିକ ମାତ୍ରାରେ ଥାଏ ଯାହା ମାଟିର ଉର୍ବରତା ବଢାଇବାରେ ସହାୟକ ହୋଇଥାଏ ।

ଆସନ୍ତୁ ଆଲୋଚନା କରିବା ପିଡିଆମାନଙ୍କ ମଧ୍ୟରେ "ରାଜା"ଙ୍କ ସମ୍ବନ୍ଧରେ । ସେ ହେଉଛି ଲିମ୍ବପିଡିଆ । ଏହା ମାଟିର ଉର୍ବରତା ବଢାଇବା ସହିତ ମାଟିରେ ଥିବା ରୋଗ, ପୋକ ଇତ୍ୟାଦି ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଲିମ୍ବପିଡିଆରେ ୨ରୁ ୫% ଯବକ୍ଷାରଜାନ୍, ୦.୫ ରୁ ୧% ଫସଫରସ୍, ୧ରୁ ୨% ପଟାସିୟମ୍, ୦.୫ ରୁ ୩% କ୍ୟାଲସିୟମ୍ ଏବଂ ୦.୩ ରୁ ୧.୦% ମ୍ୟାଗ୍ନେସିୟମ୍ ତଥା ଅନ୍ୟାନ୍ୟ ଦରକାରୀ ପୋଷକ ତ୍ୱ ଭରିରହିଥାଏ । ଲିମ୍ବପିଡିଆ କଠିନ ଯବକ୍ଷାରଜାନକୁ ଯବକ୍ଷାରଜାନ ଗ୍ୟାସରେ ପରିଣତ କରୁଥିବା ଜୀବାଣୁକୁ ବଢିବାକୁ ଦିଏ ନାହିଁ । ଫଳରେ ଲିମ୍ବପିଡିଆ ପ୍ରୟୋଗ ଦ୍ୱାରା ମାଟିରେ ଥିବା ଯବକ୍ଷାରଜାନ୍ ଅଧିକ ମାତ୍ରାରେ ଗଛକୁ ଉପଲବ୍ଧ ହୋଇଥାଏ । ଏହାସହିତ ଲିମ୍ବପିଡିଆରେ ଲିମୋନଏଡ୍ ନାମକ ଏକ ଜୈବିକ ଉପାଦାନ ଥାଏ ଯାହା ମାଟିନେମାଟୋଡ୍, ଉଇ ତଥା ପିମ୍ପୁଡି ଇତ୍ୟାଦିର ସଂଖ୍ୟା ବଢାଇବାକୁ ଦିଏ ନାହିଁ । ଲିମ୍ବ ତେଲ, ପତ୍ର ତଥା ମଞ୍ଜିରେ ଥିବା ସାଲାନିନ୍, ନିମ୍ବିନ୍ , ଆଜାଡିରାକ୍ଟିନ୍ ଆଦି ଜୈବିକ ଉପାଦାନ ଫସଲକୁ ରୋଗ ପୋକ ଆକ୍ରମଣରୁ ରକ୍ଷା କରିଥାଏ ।ଆସନ୍ତୁ ଲିମ୍ବପିଡିଆର ଉପଲବ୍ଧତା ବିଷୟରେ ଆଲୋଚନା କରିବା । ରାଜ୍ୟ କୃଷି ପରିସଂଖ୍ୟାନ ୨୦୧୭-୧୮ ରୁ ଜଣାଯାଏ ଯେ ଉକ୍ତ ଆର୍ଥିକ ବର୍ଷରେ ଓଡିଶାରେ ୫୩୯.୬୩ ହଜାର ଟନ୍ ରାସାୟନିକ ସାର ବ୍ୟବହାର କରାଯାଇଥିଲା । ଲିମ୍ବ ଆଧାରିତ ଜୈବିକ ଔଷଧ ମାତ୍ର ୩୧୦ ଟନ୍ ବ୍ୟବହାର କରାଯାଇଥିଲା । ଯଦି ଆମେ ସଂପୂର୍ଣ୍ଣ ରୂପେ ଲିମ୍ବ ଆଧାରିତ ପିଡିଆ ଏବଂ ଜୈବିକ ଔଷଧ ଉପରେ ନିର୍ଭର କରିବା ତେବେ ବର୍ଷକୁ ପ୍ରାୟତଃ ୬୦୦ ହଜାର ଟନ୍ ଲିମ୍ବମଞ୍ଜିର ଆବଶ୍ୟକତା ରହିଛି ।

ଗୋଟିଏ ଲିମ୍ବ ଗଛ ଲଗାଇବାର ୩-୫ ବର୍ଷ ମଧ୍ୟରେ ଫଳିବା ଆରମ୍ଭ କରିଥାଏ ଏବଂ ୧୧-୧୪ ବର୍ଷ ମଧ୍ୟରେ ଭଲ ଫଳିଥାଏ । ଏହା ୬୦ ବର୍ଷ ପର୍ଯ୍ୟନ୍ତ ଭଲ ଫଳିଥାଏ ଏବଂ ଗୋଟିଏ ଗଛରୁ ପ୍ରାୟତଃ ୧୦୦ ରୁ ୧୩୦ କି.ଗ୍ରା ପର୍ଯ୍ୟନ୍ତ ଲିମ୍ବମଞ୍ଜି ଆମଦାନୀ କରାଯାଏ । ଗୋଟିଏ ଲିମ୍ବ ଗଛର ଜୀବନ କାଳ ପାଖାପାଖି ୨୦୦ ବର୍ଷ । ଲିମ୍ବ ଗଛ ଶୁଷ୍କ ତଥା ଆର୍ଦ୍ର ଜଳବାୟୁରେ ବଢୁଥିଲେ ମଧ୍ୟ ୮୦୦ ରୁ ୧୫୦୦ ମି.ମି ବର୍ଷା ହେଉଥିବା ଅ ଳରେ ଭଲ ବଢିଥାଏ । ପ୍ରାକୃତିକ ପଦ୍ଧତିରେ କୃଷି ନିମନ୍ତେ ଲିମ୍ବର ଅନ୍ୟ ବିକଳ୍ପ ପ୍ରାୟତଃ ନାହିଁ । ଆଗାମୀ ୫-୧୦ ବର୍ଷ ଭିତରେ ଆମ ରାଜ୍ୟର ଲିମ୍ବ ପିଡିଆ ଏବଂ ଲିମ୍ବ ତେଲର ଆବଶ୍ୟକତା ୬୦୦ ହଜାର ଟନ୍ ହୋଇପାରେ । ଗୋଟିଏ ପରିପକ୍ୱ ଲିମ୍ବ ଗଛରୁ ବାର୍ଷିକ ୧ କୁଇ ାଲ ଲିମ୍ବ ମଞ୍ଜି ଆମଦାନୀ କରାଯାଇପାରିବ । ୬୦୦ ହଜାର ଟନ୍ ଲିମ୍ବ ମଞ୍ଜି ପାଇଁ ୬୦ ଲକ୍ଷ ପରିପକ୍ୱ ଲିମ୍ବଗଛ ଥିବା ଦରକାର । ବ ର୍ମାନ ଆମରାଜ୍ୟରେ ଲିମ୍ବଗଛର ସଂଖ୍ୟା ଆକଳନ କରିବାର ଆବଶ୍ୟକତା ଦେଖା ଦେଇଛି । ଆଗାମୀ ୫ ବର୍ଷ ମଧ୍ୟରେ ବ୍ୟାପକ ଲିମ୍ବ ଗଛ ରୋପଣ ପାଇଁ ଯୋଜନା ବିଷୟରେ ଚିନ୍ତା କରାଯାଇପାରେ । ଲିମ୍ବ ପରି କରଞ୍ଜି ମଧ୍ୟ ପ୍ରାକୃତିକ କୃଷି ନିମନ୍ତେ ଏକ ସହାୟକାରୀ ବୃକ୍ଷ । କରଞ୍ଜି ପତ୍ର, ତେଲ, ପିଡିଆକୁ ପ୍ରକୃତିକ କୃଷିରେ ବ୍ୟବହାର କରାଯାଇଥାଏ ।

ଚଳିତ ବର୍ଷ ଆର୍ଥିକ ବଜେଟ୍‌ରେ କେନ୍ଦ୍ରସରକାର ପ୍ରାକୃତିକ କୃଷି ନିମନ୍ତେ ଜୈବ ସଂସାଧନ କେନ୍ଦ୍ର ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି । କୃଷି ଉଦ୍ୟୋଗୀ ମାନେ ଉକ୍ତ ସଂସାଧନ କେନ୍ଦ୍ର ମାଧ୍ୟମରେ ହାଣ୍ଡିଖତ, ଜୀବାମୃତ, ବୀଜାମୃତ, ନିମାସ୍ତ୍ର, ବହ୍ମାସ୍ତ୍ର ଇତ୍ୟାଦି ଜୈବିକ ମିଶ୍ରଣ ଗୁଡିକୁ ନିୟମିତ ପ୍ରସ୍ତୁତ କରି କୃଷକମାନଙ୍କୁ ବିକ୍ରି କରିବେ । ଏହି ସବୁ ଜୈବିକ ମିଶ୍ରଣ ପ୍ରସ୍ତୁତି ନିମନ୍ତେ ଗୋବର, ଗୋମୂତ୍ର ସହିତ ଲିମ୍ବ, କରଞ୍ଜ,

କୋଚିଲା, ବେଲ ଇତ୍ୟାଦି ପତ୍ରର ଆବଶ୍ୟକତା ରହିଛି । ସମଗ୍ର ରାଜ୍ୟର ଚାଷୀମାନେ ପ୍ରାକୃତିକ କୃଷିକୁ ଆଦରିଲେ ମହିଳାମାନେ ହଜାର ହଜାର ସଂଖ୍ୟାରେ ଜୈବିକ ସଂସାଧନ କେନ୍ଦ୍ର ସ୍ଥାପନ କରି ଆତ୍ମନିର୍ଭରଶୀଳ ହୋଇପାରିବେ । ଏହି ସବୁ ଜୈବ ସଂସାଧାନ କେନ୍ଦ୍ରରେ ବ୍ୟବହାର ହେବାକୁ ଥିବା ହଜାର ହଜାର ଟନ୍ ଲିମ୍ବ, କରଞ୍ଜ, କୋଚିଲା ତଥା ବେଲପତ୍ର ଆସିବ କୁଆଡୁ ? ଏଥି ନିମନତେ ଚିନ୍ତନ ମ ନ କରିବାର ସମୟ ଆସିଯାଇଛି । ସ୍ୱଳ୍ପରୁ ଦୀର୍ଘ ମିଆଦି ବୃକ୍ଷରୋପଣ ଯୋଜନାର ଆବଶ୍ୟକତା ରହିଛି । ରାଜ୍ୟସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବ ନ ବିଭାଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ମିଳିତ ଭାବେ ଲିମ୍ବ ତଥା ଆନୁସଙ୍ଗିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ନିମନ୍ତେ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଆମ ରାଜ୍ୟର ଉପକୂଳ ତଥା ସମତଳ ଅ ଳରେ ଥିବା ଜିଲ୍ଲା ଗୁଡିକରେ ଭୌଗଳିକ କ୍ଷେତ୍ରଫଳ ତୁଳନାରେ ଜଙ୍ଗଲର କ୍ଷେତ୍ରଫଳ ନଗଣ୍ୟ ଅଟେ । ଏଣୁ ଉକ୍ତ ଜିଲ୍ଲା ଗୁଡିକରେ ପ୍ରାକୃତିକ କୃଷିକୁ ସଫଳ କରିବା ନିମନ୍ତେ ଲିମ୍ବ ତଥା ଆନୁସଂଗୀକ ବୃକ୍ଷରୋପଣ ବ୍ୟାପକ କରିବାର ଆବଶ୍ୟକତା ଦେଖାଦେଇଛି । ଓଡିଶାର ପରିବେଶ, ଜଳବାୟୁ, ଚାଷୀ ତଥା ଗ୍ରାହକ ମାନଙ୍କର ଭାବନା ପ୍ରାକୃତିକ କୃଷି ଅନୁକୂଳ । ଏଥି ନିମନ୍ତେ ସୁଚିନ୍ତିତ ତଥା ଦୀର୍ଘମିଆଦି ଭି ଭୂମି ପ୍ରସ୍ତୁତି କଲେ ସମଗ୍ର ଭାରତ ବର୍ଷରେ ଆମ ରାଜ୍ୟ ପ୍ରାକୃତିକ କୃଷି କ୍ଷେତ୍ରରେ ନମ୍ବର-୧ ହୋଇପାରିବ ।


ନୀଳାଦ୍ରି ବିହାର,ସେକ୍ଟର-୫, ଭୁବନେଶ୍ୱର
ମୋ - ୮୬୫୮୯୮୬୭୭୭


## ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି । ଦୂର ଯେତିକି, ନିକଟ ବି ସେତିକି । ଚିହ୍ନା ଯେତିକି, ଅଚିହ୍ନା ବି ସେତିକି । କୁଳାଣ ଯେତିକି ଅକୁଳଣ ବି ସେତିକି । ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ । ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ । ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା । ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ । ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ । ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ । କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ । ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଂଙମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ । ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ । ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରିନଥିଲେ । ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ । ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ । ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ ।

୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ । ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ । ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା । ଏକମାତ୍ର ପୁସ୍ତକ /ଦଲିଲ୍- "ଝଲିଛି ନିକର" (ଲେଖକ-ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ । କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଥଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ । କାଳ ଲମ୍ବି ଲମ୍ବି ଯାଉଥିବ । ଚିହ୍ନମାନ କେଜାଣି ହଜିଯିବେ ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ । ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ । ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଳୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ । ଗଡ୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା । ପାଦରେ ଝଲି ଝଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା । ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ । ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା ।

ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ । ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ । କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ । ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ । ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ । ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା । ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ । ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ" । ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ । ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ । ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !


ବିଷମ କଟକ, ରାୟଗଡ


## ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି । ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ । ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି । ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ । ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ । ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ । କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ । ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି । ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ । ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ । ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି । ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ । କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର । ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି । ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ । ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି । ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନନ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ । ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା । ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି । ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି । ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି । ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି । ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ । ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ । ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ । ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ । ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ । ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ । ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଦୁଇଦିନିଆ 'ଲାଇଟ୍ ହାଉସ୍ ପର୍ଯ୍ୟଟନ ମହୋତ୍ସବ' ଉଦ୍‌ଯାପିତ

## ପର୍ଯ୍ୟଟନସ୍ଥଳୀରେ ବତୀଘର ଯୋଡିହୋଇ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ପ୍ରତିଫଳନ କରିବ

ପୁରୀ, ୨୧।୧୦ (ନିପ୍ର) : ପୁରୀରେ ଦୁଇଦିନିଆ 'ଲାଇଟ୍ ହାଉସ ପର୍ଯ୍ୟଟନ ମହୋତ୍ସବ' ଗତ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଦେଶରେ ଲାଇଟ୍ ହାଉସ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରାଳୟ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପର୍ଯ୍ୟଟନସ୍ଥଳ ଗୁଡିକ ମଧ୍ୟରେ ବତୀଘର ଗୁଡିକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରଭାବେ ସ୍ଥାନ ପାଇବ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଗୋଆରେ ପ୍ରଥମ ଲାଇଟ୍ ହାଉସ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଓଡ଼ିଶାରେ ଦ୍ୱିତୀୟ ଲାଇଟ୍ ହାଉସ୍ ପର୍ଯ୍ୟଟନ ମହୋତ୍ସବ ଅନୁଷ୍ଠିତ ହୋଇଛି। ବତୀଘର ପର୍ଯ୍ୟଟନରେ ଓଡ଼ିଶାକୁ ଯେଉଁ ଗୁରୁତ୍ୱ ଦିଆଯାଇଛି, ସେଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଦେଶର ୭୫ଟି ଲାଇଟ୍ ହାଉସର ବିକାଶ ହୋଇଛି। ଏଥିମଧ୍ୟରେ ଓଡ଼ିଶାର ୫ଟି ଲାଇଟ୍ ହାଉସ ସ୍ଥାନ ପାଇଛି। ଏଗୁଡିକ ହେଲା ଗୋପାଳପୁର, ପୁରୀ, ଚନ୍ଦ୍ରଭାଗା, ଫଲ୍‌ସ ପଏଂଟ୍ ଓ ପାରାଦୀପ। ବତୀଘର ଗୁଡିକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବ୍ୟବହାର କରାଯାଇ ପାରିବ, ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଓ ଦୂରଦୃଷ୍ଟିରୁ ଆଜି ଆମର ବତୀଘର ଗୁଡିକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବା ସହ ଆମର ନୌବାଣିଜ୍ୟ ଐତିହ୍ୟର ପ୍ରସାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମତବ୍ୟକ୍ତ କରିଥିଲେ।




- ଦେଶରେ ୭୫ଟି ବତୀଘର ମଧ୍ୟରୁ ଓଡ଼ିଶାରେ ୫ ବତୀଘରର ବିକାଶ ହୋଇଛି
- ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରୁ ବତୀଘର ଏବେ ପ୍ରମୁଖ ପର୍ଯ୍ୟଟନକେନ୍ଦ୍ର ଭାବେ ସ୍ଥାନ ପାଇଲା - ମୁଖ୍ୟମନ୍ତ୍ରୀ
- ପାରାଦୀପରେ ଜାହାଜ ନିର୍ମାଣ ଓ ମରାମତି ପାଇଁ କ୍ଲଷ୍ଟରର ବିକାଶ ହେବ - କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍

ପ୍ରକାଶଥାଉକି, ଲାଇଟ୍ ହାଉସ ଗୁଡିକୁ ବିକଶିତ କରି ଏଥିରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଅନେକ ସୁବିଧା କରାଯାଇଛି। ଏଥିରେ ଦର୍ଶକଙ୍କ ବସିବା ପାଇଁ ସେଡ୍, ଝରଣା, ପିଲାଙ୍କ ଖେଳିବା ପାଇଁ ବ୍ୟବସ୍ଥା, ପଥର କାରୁକାର୍ଯ୍ୟ, ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ। ଦୁଇଦିନିଆ କାର୍ଯ୍ୟକ୍ରମରେ ସ୍ୟାଣ୍ଡ ଆର୍ଟ, ବୋର୍ଟ ଆର୍ଟ, ବିଚ୍ କ୍ଲିନ୍-ଅପ୍ ଡ୍ରାଇଭ ଏବଂ ଯୋଗ ଆଦିର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ଓ ଫୁଡ୍ ଫେଷ୍ଟିଭାଲ୍ ଆଦି ଏଥିରେ ସାମିଲ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପୁରୀର ବିଭିନ୍ନ ଆକର୍ଷଣୀୟ ସ୍ଥାନ ଗୁଡିକ ମଧ୍ୟରେ ବତୀଘର ଯୋଡିହେଲା, ପ୍ରଧାନମନ୍ତ୍ରୀଙ୍କ ଅଭିନବ କାର୍ଯ୍ୟକ୍ରମ ଯୋଗୁଁ ଦେଶର ପର୍ଯ୍ୟଟନ ମ୍ୟାପରେ ଓଡ଼ିଶାର ୫ ବତୀଘର ଯୋଡିହେଲା। ଏହା ନିଶ୍ଚିତ ଭାବେ ଏକ ଦୂରଦର୍ଶୀ ସମ୍ପନ୍ନ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବତୀଘର ବା ଲାଇଟ୍ ହାଉସ୍ ଆମ ଐତିହାସିକ ବୈଭବର ପରିଚୟ, ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ମତଦେଇ ସାଧବପୁଅ ଜାଭା, ସୁମାତ୍ରା ଓ ବାଲି ଦ୍ୱିପ ସହ ଦକ୍ଷିଣପୂର୍ବ ଏସିଆର ଅନେକ ଦେଶରେ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ। ଏହାର ସ୍ମୃତି ସ୍ୱରୂପ ଆଜି ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଲିଯାତ୍ରା ପାଳିନ ହେଉଛି। ବାଲିଯାତ୍ରା ସହ ବତୀଘର ମହୋତ୍ସବ ଯୋଡିହୋଇ ଓଡ଼ିଶାର ପ୍ରାଚୁର୍ଯ୍ୟମୟ ଐତିହ୍ୟର ସ୍ମୃତିଚାରଣ କରିବା ସହ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ପାରାଦୀପ ବନ୍ଦରରେ ଦୁଇଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ପାରାଦୀପ ବନ୍ଦରରେ ମାଲ୍ ପରିବହନର ସୁବିଧା ପାଇଁ ଗୋଟିଏ ଫ୍ଲାଏ ଓଭର ଏବଂ ଚାରି ଲେନ୍‌ର ଏକ ସଡକପଥ ନିର୍ମାଣ କରାଯାଇଛି। କାର୍ଗୋ ହାଣ୍ଡଲିଙ୍ଗରେ ସୁବିଧା ପାଇଁ ଏହାର ଆଧୁନିକୀକରଣ କରାଗଲା। ଫଳରେ ଘଂଟାକୁ ୩୦ହଜାର ଟନ୍ ଲୁହାପଥର କାରବାର କରାଯାଇ ପାରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କୁ ଧନ୍ୟବାଦ ଜଣାଇ ପାରାଦୀପ ବନ୍ଦର ଆଧୁନିକିକରଣ ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଯୋଗଦାନ କରି 'ପାରାଦୀପ ବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ, ଏଠାରେ ଜାହାଜ ନିର୍ମାଣ ଓ ମରାମତି ପାଇଁ ଏକ କ୍ଲଷ୍ଟରର ବିକାଶ କରାଯିବ ବୋଲି ଘୋଷଣା କରିବା ସହ ଓଡ଼ିଶାରେ ୪୮୦କିମି ଉପକୂଳ ଅଂଚଳର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି' ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ସୋନୱାଲ୍ କହିଥିଲେ ଯେ, ବ୍ରାହ୍ମଣୀ ଓ ମହାନଦୀରେ କାର୍ଗୋ ପରିବହନ ପାଇଁ କେନ୍ଦ୍ର ସରକାର ସହଯୋଗ ଯୋଗାଇ ଦେବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ବିଭାଗ ସଚିବ ଟିକେ ରାମଚନ୍ଦ୍ରନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଶିଳାନ୍ୟାସ ଫଳକରେ ସୀମିତ ଲକ୍ଷ୍ମୀ ବସଷ୍ଟାଣ୍ଡ



ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ କରାଯିବା ନିମନ୍ତେ ଶିଳାନ୍ୟାସ କରାଯାଇଥିଲେ ମଧ ପ୍ରଶାସନିକ ଦାୟୀତ୍ୱ ହୀନତା ଯୋଗୁ ଏପର୍ଯ୍ୟନ୍ତ ନିର୍ମାଣ କରାଯାଉନଥିବା କାରଣରୁ ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଂଚାୟତର ଚିତ୍ରୋତ୍ପଳା ନଦୀ ପାର୍ଶ୍ୱରେ ଥିବା ଶନିଶ୍ଚର ଗଡା ଠାରେ ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ କଟକ ସଦରର ତତ୍କାଳୀନ ବିଧାୟକ ଚନ୍ଦ୍ରସାରଥି ବେହେରା ଶିଳାନ୍ୟାସ କରିଥିଲେ। ଇତି ମଧରେ ୬ମାସରୁ ଉର୍ଦ୍ଧ ଅତିକ୍ରାନ୍ତ ହୋଇଥିଲେ ମଧ ଏହି ବସଷ୍ଟାଣ୍ଡ ନିର୍ମାଣ କରାଯାଉନଥିବାର ଅଭିଯୋଗ ହୋଇଛି। ଫଳରେ ଶିଳାନ୍ୟାସ କେବଳ ଫଳକରେ ସୀମିତ ରହିଥିବାର ଜଣାଯାଇଛି। ଦର ଦୂରାନ୍ତରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଗମନା ଗମନ କରିବା ନିମନ୍ତେ ଏଠାରେ ଦୈନନ୍ଦିନ ଗ୍ରାମାଂଚଳର ଯାତ୍ରୀମାନେ ଖରାବର୍ଷା ଶୀତକାଳରେ ବସକୁ ଅପେକ୍ଷା କରୁଛନ୍ତି। ଫଳରେ ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବସଷ୍ଟାଣ୍ଡ ନିର୍ମାଣ କରାଯିବା ନିମନ୍ତେ ସ୍ଥାନୀୟ ଅଂଚଳବାସୀ ଦୃଢ ଦାବି କରିଛନ୍ତି।

# ଲୋୟର ସୁକତେଲ ବାସିନ୍ଦାଙ୍କ ସମସ୍ୟା ବୁଝିଲେ ନରସିଂହ

**ବଲାଙ୍ଗିର,(ନି.ପ୍ର):** ବଲାଙ୍ଗିର ଜିଲ୍ଲାରେ ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ତରବରିଆ ଭାବରେ ଗତ ସରକାର ଉଦ୍‌ଘାଟନ କରିଦେଇଥିଲେ। ବିସ୍ଥାପିତମାନଙ୍କ ତ୍ୟାଗ ବଳରେ ତିଆରି ହୋଇଥିବା ଏହି ପ୍ରକଳ୍ପରୁ ଏ ପର୍ଯ୍ୟନ୍ତ ଚାଷୀ ପାଣି ପାଇ ପାରିନାହାଁନ୍ତି। ବିସ୍ଥାପିତମାନେ ମଧ ଆଇନ ମୁତାବକ ତାଙ୍କର ଅନେକ ପ୍ରକାର କ୍ଷତିପୁରଣ ପାଇବାର ବାକି ଅଛି। ଏପରିକି ଏମାନଙ୍କୁ ବିସ୍ଥାପିତ କରି ଥଇଥାନ କରାଯାଇଥିବା କଲୋନିରେ ମୌଳିକ ସୁବିଧାରୁ ଏମାନଙ୍କୁ ସରକାର ବଞ୍ଚିତ କରିଛି। ତେଣୁ ଏ ସବୁ ଯେତେ ଶିଘ୍ର ହେବ ସମାଧାନ କରାଯାଉ ନଚେତ ଆଗାମୀ ଦିନରେ ଲୋକେ ନିଶ୍ଚିତ ଭାବେ ଆନ୍ଦୋଳନମୁହାଁ ହେବେ ବୋଲି ପୂର୍ବତନ ଆଇନମନ୍ତ୍ରୀ, ପୂର୍ବତନ ବିଧାୟକ ନରସିଂହ ମିଶ୍ର ଗତ କାଲି ଝାଙ୍କରପାଲି ନିକଟସ୍ଥ ଲୋୟର ସୁକତେଲର ଥଇଥାନ କଲୋନିକୁ ଯାଇ ଲୋକମାନଙ୍କ ଅଭାବ ଅସୁବିଧା ବୁଝିବା ପରେ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଲୋକେ ଆଜି ପର୍ଯ୍ୟନ୍ତ ଥଇଥାନ କଲୋନିରେ ପିଇବା ପାଇଁ ପାଣି, ଗାଧେଇବା ପାଇଁ ପୋଖରୀ ପାଇ ନାହାନ୍ତି। ତେଣୁ ଏ ସବୁର ତୁରନ୍ତ ସମାଧାନ କରାଯାଉ ବୋଲି ସେ କହିଛନ୍ତି। ଥଇଥାନ ଓ ବିସ୍ଥାପିତ କଲୋନିରେ ଶ୍ରୀ ମିଶ୍ର ପହଞ୍ଚିବା ପରେ ସେଠାରେ ରହୁଥିବା ପ୍ରାୟ ସମସ୍ତ ମହିଳା ପୁରୁଷ ଆସି ତାଙ୍କ ଅସୁବିଧା ବାବଦରେ ଅଭିଯୋଗ କରିଥିଲେ। ବିଶେଷ କରି ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ, ଅନ୍ତେଷ୍ଟି କ୍ରିୟା ପାଇଁ ଶ୍ମଶାନ ଓ ଛୋଟ ଛୋଟ ଛୁଆମାନଙ୍କ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ନିର୍ମାଣ ର ପ୍ରତିଶ୍ରୁତି ଦେଇ ପ୍ରଶାସନ ଓ ସରକାର ବର୍ତ୍ତମାନ ଚୁପ ବସିପଡିଛି। ଏ ସବୁ ଅଭିଯୋଗ ଶୁଣିବା ପରେ ପୂର୍ବତନ ବିଧାୟକ ଶ୍ରୀ ମିଶ୍ର ତୁରନ୍ତ ଫୋନ ଯୋଗେ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହ କଥା ହୋଇ ଏ ସବୁ ସମସ୍ୟାର ସମାଧାନ ପାଇଁ ଏକ ଆଲୋଚନାର ବ୍ୟବସ୍ଥା କରାଇଛନ୍ତି ତା ସହ ବିସ୍ଥାପିତଙ୍କ ତ୍ୟାଗ ଯେମିତି ବେକାର ନ ଯିବ ସେମାନେ ଯେମିତି ଠିକ୍ ଭାବରେ ତାଙ୍କର ମୌଳିକ ଅଧିକାର ସବୁ ପାଇପାରିବେ ସେ ଉପରେ ଜିଲ୍ଲା ପ୍ରଶାସନ ସହ ସେ ପୁଣି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତା ସହିତ ଏଠାରେ ଥିବା ଜଗନ୍ନାଥ ମନ୍ଦିର ପୂଜକଙ୍କ ଅଭିଯୋଗ ଅନୁସାରେ ମନ୍ଦିର ଯେମିତି ଠିକ୍ ହିସାବରେ ଚାଲିବ ଭଗବାନଙ୍କ ସମସ୍ତ ରୀତିନୀତି ପରିଚାଳନା ପାଇଁ ଦରକାର ହେଉଥିବା ପାଣ୍ଠି କିପରି ମିଳିପାରିବ ସେ ଉପରେ ସେ ଆଲୋଚନା କରିବେ ବୋଲି କହିଥିଲେ ଏବଂ ଲୋକଙ୍କୁ ମଧ ସେ ଆଉଥରେ ଚେତେଇ ଦେଇଥିଲେ ଯେ ସବୁବେଳେ ବିସ୍ଥାପିତଙ୍କ ସ୍ୱାର୍ଥରକ୍ଷା ପାଇଁ ଲଢେଇ ଜାରି ରଖିଛନ୍ତି ଦରକାର ପଡିଲେ ଆଗାମୀ ଦିନରେ ବୁଡି ଅଂଚଳବାସୀ ଓ ବିସ୍ଥାପିତଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବା ପାଇଁ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ଏହି ଆଲୋଚନା ସମୟରେ ଅନ୍ୟମାନଙ୍କ ମଧରେ ସଂଗ୍ରାମ ପରିଷଦର ନେତୃତ୍ୱ ନେଉଥିବା ଘନ ସାହୁ, ସରପଂଚ ସଂଜୟ ଗଡତ୍ୟା, ମୀନକେତନ ଚାନ୍ଦ, ଯଜ୍ଞକର ବିଶ୍ୱାଳ, ଚୁଡଙ୍ଗ ସାହୁ, ଭରତ ସାହୁ, ମନ୍ଦିର ପୂଜକ ରାମ ପ୍ରସାଦ ଚାନ୍ଦ, ବିଷ୍ଣୁ ଛତ୍ରିଆ, ଡ. ରାଧାକାନ୍ତ ଭୋଇ, କିଶୋର ଗଡତ୍ୟାଙ୍କ ସହ ଏଠାରେ ରହୁଥିବା ସମସ୍ତ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଦଶପଲ୍ଲାରେ 'ସୂର୍ଯ୍ୟଘର ଯୋଜନା'ର ଶୁଭାରମ୍ଭ କଲେ ସାଂସଦ




**ଦଶପଲ୍ଲା,(ନି.ପ୍ର):** କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ରବିବାର ଦିନ ଦଶପଲ୍ଲାରେ 'ସୂର୍ଯ୍ୟଘର ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଦଶପଲ୍ଲା - ଗଣିଆ ମୁଖ୍ୟ ରାସ୍ତା କଡ଼ରେ ଥିବା ଜନ ଔଷଧୀ କେନ୍ଦ୍ର ତଥା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର (ମୁଫ୍‌ତ ବିଜୁଳି ଯୋଜନା) କେନ୍ଦ୍ର ଠାରେ ଯୋଜନାର ଶୁଭାରମ୍ଭ ହୋଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାଂସଦଙ୍କ ସମେତ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ସାଂସଦ ପ୍ରତିନିଧି (ଏନ୍‌ଏସି) ଅଞ୍ଜନ ଦାସ, ସାଂସଦ ପ୍ରତିନିଧି (ବ୍ଲକ) କିଶୋର ଚନ୍ଦ୍ର ଦଳବେହେରାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶରେ ସୋଲାର ସିଷ୍ଟମ (ସୂର୍ଯ୍ୟ ଘର) ଯୋଜନାର ଶୁଭାରମ୍ଭ ହୋଇଛି। ଯାହା ଫଳରେ ଘରେ ଏହାର ସୋଲାର ପ୍ୟାନେଲ ଲଗାଇ ବିଦ୍ୟୁତ୍ ଖର୍ଚ୍ଚ ରୋକା ଯାଇପାରିବ। ଏହି ଯୋଜନାରେ ହିତାଧିକାରୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସବସିଡି ପ୍ରଦାନର ମଧ ବ୍ୟବସ୍ଥା କରାଯାଇଛି। ଏକ କିଲୋ ୱାଟ ରୁ ୩. କିଲୋ ୱାଟ ପର୍ଯ୍ୟନ୍ତ ସୌର ପ୍ୟାନେଲ ସ୍ଥାପନ ପାଇଁ ଏହି ରିହାତି ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ୫ଜଣ ହିତାଧିକାରୀଙ୍କୁ ଯୋଜନାର ସଫଳତା ପାଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଆଗକୁ ଯୋଜନାକୁ ପରିବ୍ୟାପ୍ତ କରିବା ପାଇଁ ଜନ ଔଷଧି ଠାରେ ନୂତନ ଭାବେ ଖୋଲାଯାଇଥିବା କେନ୍ଦ୍ର ସହ ଯୋଗାଯୋଗ ପାଇଁ ସୂଚନା ପ୍ରଦାନ କରାଯାଇଛି।

# କିସ୍‌ର ୧୫ ଛାତ୍ରଛାତ୍ରୀ ଓସିଏସ୍ ପାଇଲେ

**ଭୁବନେଶ୍ୱର,(ନି.ପ୍ର):** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା (ଓସିଏସ୍)ରେ କିସ୍‌ର ୧୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କୌଣସି ଗୋଟିଏ ଜନଜାତି ଶିକ୍ଷାନୁଷ୍ଠାନର ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓସିଏସ୍ ପାଇବା ଓଡ଼ିଶାରେ ରେକର୍ଡ ବୋଲି କୁହାଯାଉଛି। କିସ୍‌ର ଛାତ୍ର କଳାହାଣ୍ଡି ଜିଲ୍ଲାର ନନ୍ଦ କିଶୋର ପାତ୍ର ଓ ନୀଳମାଧବ ପାତ୍ର, ମୟୂରଭଞ୍ଜ ଜିଲ୍ଲା ସଞ୍ଜୀବ ହାଁସଦା, ରାମେଶ୍ୱର ହେମ୍ବ୍ରମ୍, ଲମ୍ବୋଦର ହେମ୍ବ୍ରମ୍, ଟିକିଲିମଣୀ ସୋରେନ୍, ସମ୍ବଲପୁର ଜିଲ୍ଲାର ରାଜେଶ କିଷାନ, ସୁମନ୍ କୁଜୁର, ବଲାଙ୍ଗୀର ଜିଲ୍ଲାର ଜଗଜ୍ଜୀବନ ମାଝୀ, କନ୍ଧମାଳର ରୁନିତା ପ୍ରଧାନ, ମାଲକାନଗିରି ଜିଲ୍ଲାର ଶ୍ୟାମ ମାଦି ଓ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ୱନାଥ ରଞ୍ଜନ କିଷାନ ଆଦି ଛାତ୍ରଛାତ୍ରୀ ଏହି ସଫଳତା ହାସଲ କରିଛନ୍ତି। କିସ୍‌ର ଏତେ ସଂଖ୍ୟକ ଛାତ୍ରଛାତ୍ରୀ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ କିସ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀମାନେ ଏହି ସଫଳତା ପାଇ ଆସୁଥିଲେ ମଧ ଚଳିତବର୍ଷ ୧୫ଜଣ ଛାତ୍ରଛାତ୍ରୀ ପିଲା ଓସିଏସ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ,



ପ୍ରତିବର୍ଷ କିସ୍‌ର ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଆସୁଛନ୍ତି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଲେ, କିସ୍‌ରେ ଛାତ୍ରଛାତ୍ରୀମାନଙ୍କର ସର୍ବୋତ୍କୃଷ୍ଟ ଯତ୍ନ ନିଆଯାଇଥାଏ। ଏହା ସହିତ କିସ୍‌ରେ ଶିକ୍ଷା ସହ କ୍ରୀଡ଼ା ଓ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦିଆଯାଇଥାଏ। ଜାତୀୟ ଓ ଆଞ୍ଚଳିକସ୍ତରର ପ୍ରବେଶିକା ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପିଲାଙ୍କୁ ଏଠାରେ ସ୍ୱତନ୍ତ୍ର ଭାବେ କୋଚିଂ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ଅବସରରେ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ମଧ ସେମାନଙ୍କ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ପୂର୍ବତନ ସାଂସଦ ତଥା ଶ୍ରମିକ ନେତା ପ୍ରଭାତ ସାମନ୍ତରାୟଙ୍କ ବିୟୋଗରେ ସ୍ମୃତିସଭା




ପାରାଦୀପ, ୨୧।୧୦ (ନିପ୍ର) : ପୂର୍ବତନ ସାଂସଦ, ସର୍ବଭାରତୀୟ ଶ୍ରମିକ ନେତା ତଥା ପାରାଦୀପ ଶ୍ରମିକ ଆନ୍ଦୋଳନର ପୁରୋଧା ସ୍ୱର୍ଗତ ପ୍ରଭାତ କୁମାର ସାମନ୍ତରାୟଙ୍କ ସ୍ମୃତିରେ ବିଭିନ୍ନ ସ୍ଥାନରେ ଶୋକସଭା ଆୟୋଜିତ ହୋଇଯାଇଛି। ଏହି କ୍ରମରେ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନ ଓ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ଲେବର ୟୁନିୟନ ସଭାପତି ସ୍ୱର୍ଗତ ସାମନ୍ତରାୟଙ୍କ ବିୟୋଗରେ ୟୁନିୟନର ସାଧାରଣ ସଂପାଦକ ବିଭୁତି ମହାରଣାଙ୍କ ସଭାପତିତ୍ୱରେ ଏକ ଶୋକସଭା ଗତ ଶନିବାର ସନ୍ଧ୍ୟାରେ ୟୁନିୟନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିୟନର ବହୁ ସଦସ୍ୟ, ସଦସ୍ୟାଙ୍କ ସମେତ ପାରାଦୀପର ବିଭିନ୍ନ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ପାରାଦୀପ ବିଜେଡି ଦଳ ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଆବାହକତ୍ୱରେ ସ୍ଥାନୀୟ ଶ୍ରମିକ ଭବନ ପରିସରରେ ଗତ ରବିବାର ଅପରାହ୍ନରେ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ଶ୍ରମିକ ନେତା ବିଭୁତି ମହାରଣା, ବିଜେଡି ନେତା ଉଲ୍ଲାସ ବିଶ୍ୱାଳ, ଶଙ୍କର ପ୍ରସାଦ ରାଉତ, ଗୋଲେଖ ସାହୁ, ଚପଳା ସ୍ୱାଇଁ, ପାରିଷଦ ସୁଶାନ୍ତ ଦାସ, ଅଜିତ୍ ଷଡଙ୍ଗୀ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ବିଜେଡି ସଂଗଠନ ଅଭିବୃଦ୍ଧିରେ ସ୍ୱର୍ଗତ ସାମନ୍ତରାୟଙ୍କ ଭୂମିକା ବିଷୟରେ ଆଲୋଚନା କରିବା ସହ ସାଙ୍କର ସ୍ମୃତିଚାରଣ କରିଥିଲେ।

# ସାତଭାୟାର ପ୍ରଥମ ଓଏଏସ ପ୍ରଜ୍ଞା ପାରଙ୍ଗମ



**ରାଜନଗର,(ନି.ପ୍ର);** ରାଜନଗର ବ୍ଲକ ସାତଭାୟା ଗ୍ରାମର ବିଶିଷ୍ଟ ଆଇନଜିବୀ ବଲ୍ଲଭଚରଣ ସାହୁଙ୍କ ଝିଅ ପ୍ରଜ୍ଞା ପାରଙ୍ଗମ (ଟ୍ୟୁଙ୍କିଲ) ଓଏଏସ ପରୀକ୍ଷାରେ ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ଭୁବନେଶ୍ୱରର ବକ୍ସିଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲରେ ସେ ଦ୍ୱାଦଶ ପର୍ଯ୍ୟନ୍ତ ପାଠ ପଢିବା ପରେ ଆର୍ଯ୍ୟ କଲେଜରେ ସ୍ନାତକ ଓ ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ସ୍ନାତକୋତର ପାସ କରିଛନ୍ତି । ପ୍ରଜ୍ଞା ଜଣେ ମେଧାବୀ ଛାତ୍ରୀ ଭାବରେ ସହପାଠି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧରେ ପରିଚିତ। ତାଙ୍କର ସମସ୍ତ ଶ୍ରେୟ ତାଙ୍କ ପିତା ମାତା ଓ ଭାଇଙ୍କୁ ପ୍ରଦାନ କରିଛନ୍ତି। ସର୍ବଭାରତୀୟ ପରୀକ୍ଷା (ଆଇଏଏସ) ଦେବା ପାଇଁ ତାଙ୍କର ଲକ୍ଷ୍ୟ ରହିଛି । ପିତା ବଲ୍ଲଭ ଜଣେ ଆଇନଜିବୀ ହୋଇଥିବା ବେଳେ ମାତା ଲିଲି ସାହୁ ଜଣେ ଗୃହିଣୀ । ଗାଁରେ ତାଙ୍କର ଜେଜେ ବାପା ବୈରାଗୀ ସାହୁଙ୍କ ସହ ସଂପର୍କୀୟମାନେ ରହିଛନ୍ତି । ପ୍ରଜ୍ଞା ଓଏଏସ ପାଇବା ଖବର ପ୍ରଚାରିତ ହେବା ପରେ ସମଗ୍ର ସାତଭାୟା ଓ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ




**ରାଜନଗର,(ନି.ପ୍ର):** ରାଜନଗର ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଜରିମୂଳସ୍ଥିତ ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି କୃପାସିନ୍ଧୁ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ସଂପାଦକ ବିଜୟକୁମାର ଜେନା ସଂଯୋଜନା କରିଥିଲେ। ପ୍ରାକ୍ତନ ଶିକ୍ଷକ ତଥା ସମିତି ସଭ୍ୟ ଉପେନ୍ଦ୍ର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ବୈଠକରେ ସଂଘର ମୌଳିକ ସମସ୍ୟା ବିଶେଷକରି ଅଫିସ କାର୍ଯ୍ୟ ପାଇଁ ଜମିଅଧିଗ୍ରହଣ, ସଭ୍ୟ ସଂଗ୍ରହ ଅଭିଯାନ, ଦୁର୍ଗତ ଶିକ୍ଷକଙ୍କୁ ଆର୍ଥିକ ସହାୟତା, ନିୟମିତ ଭ୍ରାମ୍ୟମାଣ ବୈଠକ, ଶିଶୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ପ୍ରଫେସର ସତ୍ୟବାଦୀ ଜେନା, କଥାକାର ପ୍ରଦୀପ ନାୟକ, ଅନିଲକୁମାର ବଳ, ନନ୍ଦକିଶୋର ସ୍ୱାଇଁ, ସୀତାକାନ୍ତ ରାଉଳ, ଦଶରଥୀ ଲେଙ୍କା, ପରମେଶ୍ୱର ନାୟକ, ସୁରେନ୍ଦ୍ରନାଥ ପ୍ରଧାନ, ଅଭିରାମ ପତି, ଘନଶ୍ୟାମ ବଳ, ସୁଧାକର ପଣ୍ଡା, କ୍ଷେତ୍ରବାସୀ ରାଉତରାୟ, ବୈକୁଣ୍ଠନାଥ ଦାସ, କପିଳାସ ବଳ, ଅଧିକାରୀ ସ୍ୱାଇଁ, ବଳରାମ ତ୍ରିପାଠି, ଅର୍ଜୁନଚରଣ ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ମତାମତ ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସମୀରଣ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଳଦେବ ହାଇସ୍କୁଲର ୧୯୭୭ବ୍ୟାଚ ଗୁରୁ ପୂଜନ



**କେନ୍ଦ୍ରାପଡ଼ା,(ନି.ପ୍ର):** କେନ୍ଦ୍ରାପଡା ବଳଦେବ ହାଇସ୍କୁଲର ୧୯୭୭ମାଟ୍ରିକ ବ୍ୟାଚ ପକ୍ଷରୁ ଏକ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଙ୍ଗୁଳାଇସ୍ଥିତ ପିଏନଏସ ଯାନ୍ତ୍ରିକ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ଉତ୍ସବରେ ୪୭ବର୍ଷର ପୁରୁଣା ୩୨ଜଣ ବନ୍ଧୁ ଏକାଠି ହୋଇ ସେମାନଙ୍କର ସେହି ସ୍କୁଲ ବେଳର ଅତୀତର ସ୍ମୃତିକୁ ରୋମନ୍ଥନ କରିବା ସହିତ ବର୍ତ୍ତମାନ ପର୍ଯ୍ୟନ୍ତ ବିତି ଯାଇଥିବା ସମୟର ସ୍ରୋତ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା ଭିତରେ ନିମଗ୍ନ ହୋଇଯାଇଥିଲେ। ଏହି ଅବସରରେ ଦିବଙ୍ଗତ ଶିକ୍ଷକ ଓ ବନ୍ଧୁମାନଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ଗୁରୁପୂଜନ ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଅଭୟ ଦାସ, ସୁଜିତ ମହାନ୍ତି, ଅଜୟ ବିଶ୍ୱାଳ ଓ ମନ୍ମଥ ରାଉତ ପ୍ରମୁଖ ପରିଚାଳନା କରିଥିବା ବେଳେ ସଂଗୀତା ଚାଟାର୍ଜୀ, ଉମେଶ ଧୀର, ଅମୀୟ ସାମଲ, ନାରାୟଣ ସାହୁ, ଅନନ୍ତ ମହାନ୍ତି, ଶ୍ରୀକାନ୍ତ ପ୍ରଧାନ, ମୃତ୍ୟୁଞ୍ଜୟ ପାଣି, ଜଗ ଦାସ, ଉମାକାନ୍ତ ବଳ, ସରୋଜ ଦାସ, କମଳାକାନ୍ତ କର, ନିମାଇଁ କର, ରାଜେନ୍ଦ୍ର ଲେଙ୍କା, ଚିତ୍ତ ମହାନ୍ତି, ଅଶୋକ ଷେଣ୍ଡି, ଗୁରୁଚରଣ ପଡିଆରୀ, ଗିରିଶ ଦାସ, ଭଞ୍ଜ ମହାନ୍ତି, ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମଣିପୁରରେ ନାଟକ 'ଅକୁହା କାହାଣୀ କହିବ କିଏ' ମଞ୍ଚସ୍ଥ



ଭୁବନ, (ନିପ୍ର) : ଭୁବନ ବ୍ଲକ ଏକତାଳି ପଂଚାୟତ ଅନ୍ତର୍ଗତ ମଣିପୁର ଗାଁରେ ମହାମାୟୀ ମହାଲକ୍ଷ୍ମୀଙ୍କ ପୂଜା ଯୁବକ ସଂଘ ସଦସ୍ୟ, ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ଅବସରରେ ଯୁବକ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ରାମା 'ଅକୁହା କାହାଣୀ କହିବ କିଏ' ଗତ ଶନିବାର ମଂଚସ୍ଥ ହୋଇଯାଇଛି। ନାଟକକୁ ବ୍ରାହ୍ମଣୀ ସାହିତ୍ୟ ସଂସଦ ମୁଖ୍ୟ ଶାନ୍ତନୁ ଦାସ, ପ୍ରଶାନ୍ତ ଦ୍ୱିବେଦୀ ନିର୍ଦ୍ଦେଶନା ଦେଇଥିବା ବେଳେ ଗାଁର କଳାକାର ମାନେ ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ। ସଭାପତି ପ୍ରଭାତ କୁସୁମ ଶତପଥି, ସଂପାଦକ ଉମେଶ ଚନ୍ଦ୍ର ଶତପଥି, କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ଶତପଥି, ସହସମ୍ପାଦକ ଦେବାଶିଷ ଶତପଥି, ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଦେବ ପ୍ରସାଦ ମିଶ୍ର, ପ୍ରମୁଖ ସହଯୋଗ କରିଥିଲେ।

# ଏଲ୍‌ପିଜି ଟର୍ମିନାଲ ଓ ରୋଟାରୀ କ୍ଲବ ପକ୍ଷରୁ ୪୧ୟୁନିଟ୍ ରକ୍ତ ସଂଗ୍ରହ




ପାରାଦୀପ, ୨୧।୧୦ (ନିପ୍ର) : ଇଣ୍ଡିଆନ୍ ଅଏଲ ଏଲ୍‌ପିଜି ଟର୍ମିନାଲ ଏବଂ ରୋଟାରୀ କ୍ଲବର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାରାଦୀପର ବାଉରିଆପାଳନ୍ଦା ନିକଟ ଏଲ୍‌ପିଜି ଟର୍ମିନାଲ ପରିସରରେ ସୋମବାର ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ଟର୍ମିନାଲ ଅଧିକାରୀ ବ୍ରିଜେଶ କୁମାର ଓ ପ୍ରଶାନ୍ତ କୁମାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ୍ ଡଃ. ପ୍ରଶାନ୍ତ ମହାପାତ୍ର, ଅକ୍ଷୟ ମିଶ୍ର, ଦୀପକ ଷଢ଼ଙ୍ଗୀ, ରତ୍ନାକର ସ୍ୱାଇଁ, ସାମ୍ବାଦିକ ସୁଧାଂଶୁ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କଟକ ରେଡ୍‌କ୍ରସ୍ ସୋସାଇଟି ସହାୟତରେ ଆୟୋଜିତ ଶିବିରରୁ ମୋଟ୍ ୪୧ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

# ବଢୁଥିବା ଏନକାଉଣ୍ଟର ନେଇ ଚିନ୍ତାରେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୧୦(ଏଜେନ୍ସି): ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଅକ୍ଟୋବର ୨୨ ରେ ଆସାମ ପୋଲିସ ଏନକାଉଣ୍ଟରରେ ହେଉଥିବା ବୃଦ୍ଧିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଓ ରାଜ୍ୟ ସରକାରଙ୍କୁ ମେ ୨୦୨୧ରୁ ଅଗଷ୍ଟ ୨୦୨୨ ମଧ୍ୟରେ ହୋଇଥିବା ଏପରି ୧୭୧ଟି ଘଟଣାର ବିସ୍ତୃତ ସୂଚନା ଦେବାକୁ ଆଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ) ରଦ୍ଦ କରିବା ପାଇଁ ଗୌହାଟୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ପରେ ଆସିଛି।

ମାମଲାକୁ ଅତ୍ୟନ୍ତ ଗୁରୁତର କହି ସୁପ୍ରିମକୋର୍ଟ ପାରଦର୍ଶିତା ଓ ଉତ୍ତରଦାୟିତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ଓ କହିଛନ୍ତି ଏପରି ମାମଲାଗୁଡିକୁ ଅବହେଳାରେ ଅଗ୍ରାହ୍ୟ କରାଯାଇ ପାରିବ ନାହିଁ। ଏହି ଆବେଦନ ଅଡଭୋକେଟ ଆରିଫ ମହମ୍ମଦ ୟାସୀନ ଜାଦର ଦାୟର କରିଛନ୍ତି। ଯିଏ କଥିତ ମିଥ୍ୟା ଏନକାଉଣ୍ଟରର ଏକ ଚିନ୍ତିତ କରୁଥିବା ପାଟର୍ଣ୍ଣକୁ ଉଜାଗର କରିଛନ୍ତି। ଯେଉଁଥିରେ କୁହାଯାଇଛି ଯେ ପୋଲିସ ଏନକାଉଣ୍ଟରରେ ଆସାମ ପୋଲିସ ଯାଞ୍ଚ ଲାଗି ସୁପ୍ରିମକୋର୍ଟଙ୍କ ୨୦୨୪ ଗାଇଡଲାଇନକୁ ପାଳନ କରୁ ନାହିଁ।

ଓକିଲ ଆରିଫ ମହମ୍ମଦଙ୍କଅନୁସାରେ ମେ ୨୦୨୧ରେ ଯେବେ ମୁଖ୍ୟମନ୍ତ୍ରୀ ରୂପେ ହିମାନ୍ତ





ବିଶ୍ୱଶର୍ମା ଦାୟିତ୍ୱ ଗ୍ରହଣ କଲେ ,ସେବେଠାରୁ ୮୦ରୁ ଅଧିକ ଏନକାଉଣ୍ଟରରେ ୨୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୮ ଜଣ ଆହତ ହୋଇଛନ୍ତି। ବିଶ୍ୱ ଶର୍ମାଙ୍କ ପ୍ରଶାସନ ଅପରାଧ ବିରୋଧରେ ଜିରୋ ଟୋଲେରାନ୍ସ ନୀତି ଆପଣାଇଥିବାର ଦାବି କରୁଛି ଓ ପୋଲିସ କାର୍ଯ୍ୟାନୁଷ୍ଠାନରେ ତୀବ୍ରତା ଦେଖାଯାଇଛି।ତଥ୍ୟରୁ ଜଣାପଡିଛି ଯେ ଏନକାଉଣ୍ଟର ସଂଖ୍ୟା ବୃଦ୍ଧି ହୋଇଛି, ଯାହା ଆସାମ ସରକାରଙ୍କ ଆଫିଡେଭିଟ ଅନୁସାରେ ୧୭୧ ଘଟଣାରେ ୫୬ ଜଣ ଲୋକେ ପ୍ରାଣ ହରାଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪ ଜଣ ହାଜତରେ ଥିଲେ।

ଏହାର ବିପରୀତ ୨୦୧୬ରୁ ୨୦୨୧ରେ ଆସାମରେ କେବଳ ଏପରି ୬୨ଟି ମାମଲା ରୁଜୁ କରାଯାଇଛି। ଯାହା ୧୭୧ର ଏକ ତୃତୀୟାଂଶରୁ ସାମାନ୍ୟ ଅଧିକ। ଗତ ଦୁଇ ବର୍ଷରେ ହୋଇଥିବା ଉଲ୍ଲେଖନୀୟ ଘଟଣାରେ ଏହି ଚଳନକୁ ଦର୍ଶାଉଛି। ଚଳିତବର୍ଷ ଅଗଷ୍ଟ ମାସରେ ନାଗାଁବ ଜିଲ୍ଲାରେ ଗଣ ଦୁଷ୍କର୍ମର ଏକ ମାମଲାରେ ଅଭିଯୁକ୍ତ ପୋଲିସ କଷ୍ଟଡିରୁ ପଳାୟନ ଉଦ୍ୟମ କରି ବୁଡି ଯାଇଥିଲା। ଅଭିଯୁକ୍ତକୁ ଅପରାଧ ସ୍ଥଳକୁ ନିଆଯାଇଥିଲା, ସେତେବେଳେ ସେ ପୋଖରୀକୁ ଡେଇଁ ପଡିଥିଲା। ଏହା ପୂର୍ବରୁ ଡିସେମ୍ବର ୨୦୨୩ରେ ପୋଲିସ ଦୀପଜ୍ୟୋତି ନିୟୋଗ, ମନୁଜ ବୋରାଗୋହେନ ଓ ବିଶ୍ୱନାଥ ବୋରାଗୋହେନଙ୍କୁ ଗୁଳି କରିଦେଇଥିଲା। ସେମାନଙ୍କ ବିରୋଧରେ ଉଲଫା-ଆଇ ସହ ସମ୍ପର୍କର ଅଭିଯୋଗ ଥିଲା।

# ଆଇଗଟ୍ ଲ୍ୟାବ ପ୍ରତିଷ୍ଠା ପ୍ରଶଂସନୀୟ ପଦକ୍ଷେପ

ନୂଆଦିଲ୍ଲୀ, ୨୬।୧୦(ପିଆଇବି): କର୍ମଯୋଗୀ ସପ୍ତାହ ଜାତୀୟ ଶିକ୍ଷା ସପ୍ତାହ (ଏନ୍ଏଲ୍ଡବ୍ଲ୍ୟୁ) ହେଉଛି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭବିଷ୍ୟତ ପାଇଁ ପ୍ରସ୍ତୁତ ସିଭିଲ ସର୍ଭିସ ଗଠନ କରିବାକୁ ଏବଂ ଏହି ସପ୍ତାହରେ ସମସ୍ତ ସ୍ତରରେ ସରକାରୀ କର୍ମଚାରୀଙ୍କ ଦକ୍ଷତାକୁ ଦଢ଼ କରିବା ଉପରେ ଗୁରୁାରୋପ କରାଯାଇଥିଲା, ଯାହା ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ମୂଲ୍ୟବୋଧରେ ଗଭୀର ଭାବରେ ଗଢ଼ି ଉଠିଛି।




ଏହି ଅବସରରେ ସୂଚନା ଓ ପ୍ରସାରଣ ରାଜ୍ୟ ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ୍ ୩ ମିଲିୟନ୍ରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଦକ୍ଷତା ଏବଂ କୌଶଳ ବୃଦ୍ଧି କରିବା ତଥା ୨୨ ମିଲିୟନରୁ ଅଧିକ ରାଜ୍ୟ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ୫ ମିଲିୟନ୍ ସହରୀ ସ୍ଥାନୀୟ ସଂସ୍ଥା (ୟୁଏଲ୍ବି) ପାଇଁ ନିରନ୍ତର ଶିକ୍ଷା ଉପଲବ୍ଧତା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ କିପରି ଉଭୟ ସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ଖୋଲା ରହିଛି, ଯାହା ଜାତୀୟ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବରେ ଆଜୀବନ ଶିକ୍ଷାକୁ ପ୍ରୋତ୍ସାହିତ କରିବ ବୋଲି ସେ ଆଲୋକପାତ କରିଥିଲେ।

ଆଇଗେଟ୍ ଲ୍ୟାବ : ଶିଖିବାକୁ ବୃଦ୍ଧି କରିବା : ଡ. ଏଲ୍. ମୁରୁଗନ୍ କହିଥିଲେ ଯେ, ମନ୍ତ୍ରଣାଳୟ ସୋସିଆଲ୍ ମିଡିଆର ଉପଯୋଗ, ଚଳଚ୍ଚିତ୍ର ଜ୍ଞାନର ବିକାଶ ଏବଂ ଫୋଟୋଗ୍ରାଫି କୌଶଳ ବୃଦ୍ଧି ଉପରେ ୩ଟି ବେବିନାର ଆୟୋଜନ କରିଛି। ଏହାଛଡା, ସମସ୍ତ କର୍ମଚାରୀମାନଙ୍କ ପାଇଁ ଆଇଗେଟ୍ କର୍ମଯୋଗୀ ପୋର୍ଟାଲରେ ଅତି କମରେ ୪ ଘଣ୍ଟାର ତାଲିମ ସମ୍ପୂର୍ଣ୍ଣ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା, ଯେଉଁଥିରେ ଅଫିସ ପ୍ରକ୍ରିୟା, ଲିଙ୍ଗ ସମ୍ବେଦନଶୀଳତା ଏବଂ ନେତୃତ୍ୱ ଭଳି ପ୍ରମୁଖ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏକ ଆଇଗଟ୍ ଲ୍ୟାବ ପ୍ରତିଷ୍ଠା ସମେତ ମନ୍ତ୍ରଣାଳୟର ଅଭିନବ ଉପାୟକୁ ସେ ପ୍ରଶଂସା କରିଥିଲେ, ଯାହାକୁ ସେ ନିରନ୍ତର ଶିକ୍ଷଣ ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ଡ. ଏଲ୍. ମୁରୁଗନ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରିଥିଲେ।

ଆକାଂକ୍ଷୀ ଭାରତ ର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା (ଏଆଇ)ର ଲାଭ ନେବାକୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଡ. ଏଲ୍. ମୁରୁଗନ୍ ଉତ୍ପାଦନ ବୃଦ୍ଧି ଏଆଇ ଉପକରଣକୁ ସକ୍ରିୟ ଭାବରେ ସାମିଲ କରିବାକୁ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛନ୍ତି। ଏଥିସହ ସେ ଉତ୍ପାଦନ ବଢ଼ାଇବା ତଥା ପୁନରବୃତ୍ତି କାର୍ଯ୍ୟ ଭାର ହ୍ରାସ କରିବାକୁ ଚାଟ୍ଜିପିଟି ଏବଂ ଜେମିନି ପରି ଉପକରଣ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ବାରାମତୀରେ ଦାଦା-ପୁତୁରା ଲଢ଼େଇ



ମୁମ୍ବାଇ, ୨୬।୧୦: ମହାରାଷ୍ଟ୍ରର ବାରାମତୀରେ ଦେଖିବାକୁ ମିଳିବ ଦାଦା-ପୁତୁରା ଲଢ଼େଇ। ଦାଦା ଅଜିତ ପାୱାରଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ପୁତୁରା ଯୁଗେନ୍ଦ୍ର ପାୱାର। ଅଜିତ ପାୱାର ଦାଦା ଶରଦ ପାୱାରଙ୍କ ଠାରୁ ଅଲଗା ହୋଇ ବିଜେପି ସହ ହାତ ମିଳାଇଥିଲେ। ଏଥିସହ ଏବେ ସେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବିରୋଧରେ ଶରଦ ପାୱାରଙ୍କ ଏନସିପି ଯୁଗେନ୍ଦ୍ରଙ୍କୁ ପ୍ରାର୍ଥୀ କରିଛି।

ଯୁଗେନ୍ଦ୍ର ପାୱାର ହେଉଛନ୍ତି ଅଜିତ ପାୱାରଙ୍କ ସାନ ଭାଇ ଶ୍ରୀନିବାସଙ୍କ ପୁଅ। ଏବେ ସେ ବାରାମତୀରେ ଶରଦ ପାୱାରଙ୍କ ଏନସିପିରୁ ଟିକେଟ ପାଇଛନ୍ତି। ଏହାର ଅର୍ଥ ବାରାମତୀରେ ପୁଣି ପାରିବାରିକ ଲଢ଼େଇ ଦେଖିବାକୁ ମିଳିବ। ବାରାମତୀ ହେଉଛି ପାୱାର ପରିବାରର ଗଡ଼। ତେଣୁ ଏହି ଲଢ଼େଇରେ କେଉଁ ପାୱାର ବାଜି ମାରୁଛନ୍ତି, ତା ଉପରେ ସମସ୍ତଙ୍କ ନଜର ରହିଛି।୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ ଏଠାରେ ପାରିବାରିକ ଲଢ଼େଇ ଦେଖିବାକୁ ମିଳିଥିଲା। ବାରାମତୀରେ ଏନସିପି(ଶରଦ ପାୱାର)ର କାର୍ଯ୍ୟକାରୀ ସଭାପତି ସୁପ୍ରିୟା ସୁଲେଙ୍କ ବିରୋଧରେ ଅଜିତ ପାୱାର ତାଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ପ୍ରାର୍ଥୀ କରିଥିଲେ।

ସୁପ୍ରିୟା ହେଉଛନ୍ତି ଶରଦ ପାୱାରଙ୍କ ଝିଅ ଅଜିତ ପାୱାର ହେଉଛନ୍ତି ସୁପ୍ରିୟାଙ୍କ ଭାଇ ତେଣୁ ଭଉଣୀଙ୍କ ବିରୋଧରେ ସେ ଭାଉଜଙ୍କୁ ପ୍ରାର୍ଥୀ କରିଥିଲେ। ତେବେ ପୁଣେରେ ଥିବା ଏହି ଲୋକସଭା ଆସନରେ ଭାଉଜଙ୍କୁ ହରାଇ ସୁପ୍ରିୟା ବିଜୟୀ ହୋଇଥିଲେ।

## କୋଲକାତାର ବଜାରରେ ଭୀଷଣ ଅଗ୍ନିକାଣ୍ଡ

କୋଲକାତା, ୨୬।୧୦(ଏଜେନ୍ସି): କୋଲକାତାର ବ୍ୟସ୍ତବହୁଳ ଏଜରା ଷ୍ଟ୍ରିଟ୍ ବଜାରରେ ବୁଧବାର ରାତିରେ ଘଟିଛି ଭୀଷଣ ଅଗ୍ନିକାଣ୍ଡ। ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ୧୫ ଦମକଳ ଗାଡି ସହିତ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଥିଲେ। ପ୍ରାୟ ୫ ଘଂଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁ ଆୟତ ହୋଇଛି। ଜଣେ ସ୍ଥାନୀୟ ଦୋକାନୀ କହିଛନ୍ତି ଯେ, ନିଆଁର ମୁଖ୍ୟ ଉତ୍ସ ଥିଲା ଏକ ଗୋଦାମ। ଯାହାକି କାଠର ପ୍ୟାକିଂ ବାକ୍ସରେ ଲୋଡ୍ ଥିଲା। ଧିରେ ଧିରେ ଏହି ନିଆଁ ଆଖପାଖ ଦୋକାନକୁ ବ୍ୟାପୀ ଥିଲା। ନିଆଁ ଲାଗିବାର କାରଣ ଯଦିଓ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ, ତେବେ ଦମକଳ ବିଭାଗର ଅଧିକାରୀ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ସର୍ଟ ସର୍କିଟ୍ କାରଣରୁ ନିଆଁ ଲାଗି ଥାଇପାରେ।

# ପ୍ରିୟଙ୍କାଙ୍କ ସତ୍ୟପାଠ : ବିଜେପିର ସମାଲୋଚନା

ନୂଆଦିଲ୍ଲୀ, ୨୬।୧୦(ଏଜେନ୍ସି): ବାୟନାଡ ଲୋକସଭା ଉପନିର୍ବାଚନ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧି ସତ୍ୟପାଠରେ ଦେଇଥିବା ତଥ୍ୟକୁ ନେଇ ଭାରତୀୟ ଜନତା ପାର୍ଟି (ଭାଜପା) କହିଛି ନକଲି ଗାନ୍ଧୀ ପରିବାର ଦଳିତଙ୍କୁ ଅପମାନ କରିବାରେ ପଛରେ ନାହିଁ। ଗାନ୍ଧି ପରିବାରର ଦେଖେଇବା ଦାନ୍ତ ଅଲଗା ଓ ଖାଇବା ଦାନ୍ତ ଅଲଗା ଅଟେ। ଭାଜପା ମୁଖ୍ୟାଳୟରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ରାଷ୍ଟ୍ରିୟ ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି ଯେ, ପ୍ରିୟଙ୍କା ଗାନ୍ଧିଙ୍କ ସତ୍ୟପାଠ ଏକ କବୁଲନାମା ଅଟେ। ଯାହା କଂଗ୍ରେସ ଓ ଗାନ୍ଧି ପରିବାରର ଭ୍ରଷ୍ଟାଚାରକୁ ପ୍ରକାଶ କରୁଛି।



ସେ କହିଛନ୍ତି ଯେ, ରାହୁଲ ଗାନ୍ଧିଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କ ଘୋଷିତ ସମ୍ପତିରେ ତାଙ୍କକ ଦେୟ ଆୟକର ୭୫ କେଟିରୁ ଅଧିକ ରହିଛି।

ଦେଶ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଏବଂ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ଠାରୁ ସ୍ପଷ୍ଟୀକରଣ ଚାହୁଁଛି ଯେ, ପ୍ରଥମତଃ ଅନୈତିକ ଉପାୟରେ ଅର୍ଜନ କରିଥିବା ଏହି ସମ୍ପତିର ସାଧନ କଣ ଥିଲା। ସେ କହିଥିଲେ ଯେ, କାହାରିକୁ ଯଦି ଶିଖିବାର ଅଛି ତେବେ ଗାନ୍ଧି ପରିବାର ଠାରୁ ଶିଖିବା ଦରକାର ଯେ, ପାଖଣ୍ଡ କଣ ହୋଇଥାଏ। ସେ କହିଥିଲେ ଯେ, ଏସୟୁଭି ଏବଂ ଫାର୍ମ ହାଉସ୍ ବାଲଳା କଣ ଜାଣିବେ ଯେ, ପଛୁଆ ବର୍ଗ କୁ କିପରି ଆଗକୁ ବଢା ଯାଇଥାଏ।

## ଛତିଶଗଡ଼ ଗସ୍ତରେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୬।୧୦(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୫ରୁ ୨୬ ଅକ୍ଟୋବର ପର୍ଯ୍ୟନ୍ତ ଛତିଶଗଡ଼ ଗସ୍ତରେ ରହିବେ। ରାଷ୍ଟ୍ରପତି ସଚିବାଳୟ ଗୁରୁବାର ଦିନ ଏକ ବୟାନ ଜାରି କରି କହିଛନ୍ତି ଯେ ରାଷ୍ଟ୍ରପତି ୨୫ ଅକ୍ଟୋବରକୁ ଏମ୍ସ, ରାୟପୁରର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହରେ ସାମିଲ ହେବେ। ସେହିଦିନ ସେ ଏନ୍ଆଇଟି, ରାୟପୁରର ୧୪ତମ ଦୀକ୍ଷାନ୍ତ ସମାରୋହରେ ମଧ୍ୟ ସାମିଲ ହେବ ଏବଂ ନୂଆ ରାୟପୁରରେ ପୁରଖୌତି ମୁକ୍ତାଙ୍ଗନର ଗସ୍ତ କରିବେ। ରାଷ୍ଟ୍ରପତି ୨୬ ଅକ୍ଟୋବର ଦିନ ଆଇଆଇଟି, ଭିଲାଇର ଚତୁର୍ଥ ଦୀକ୍ଷାନ୍ତ ସମାରୋହରେ ସାମିଲ ହେବେ।

# ଧାନ ଜମି ଫାଟି କଲାଣି ଆଁ,ଚିନ୍ତାରେ ଚାଷୀ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ନା ନା ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେନାଲ ସାହାଯ୍ୟରେ ଚାଷ ଜମିକୁ ଜଳ ସେଚନା କରାଇବା ଏବଂ ଚାଷୀକୁ ସୁଲଭ ମୂଲ୍ୟରେ ବିହନ ,ରାସାୟନିକ ସାର, କୀଟନାଶକ ଯୋଗାଇ ଦେବା ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ କେନ୍ଦ୍ରାପଡା ଜିଲ୍ଲା ଛତା ଜଳସମ୍ପଦ ବିଭାଗ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଂଚଳରେ କେନାଲରେ ପାଣି ଯାଉନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଧାନ ଜମି ଫାଟି ଆଁ କଲାଣି। ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଲେଣି। ଏପରିସ୍ଥଳେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ସ୍ଥାଣୁତା ଓ ଦାୟୀତ୍ୱ ହୀନତା କାରଣରୁ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ୯ନମ୍ବର କେନାଲର ସୁକରପଡା ଠାରୁ ୯ ନମ୍ବର ଡି କେନାଲ ବାହାରିଛି। ଏହି କେନାଲ ଉପରେ ଜଳ ସେଚନ ନିମନ୍ତେ ସ୍ଥାନୀୟ ଅସୁରେଶ୍ୱର ଗ୍ରାମପଂଚାୟତର କେନ୍ଦିଲୋ,ସୁକରପଡା ଗ୍ରାମପଂଚାୟତର ରାଣୀପଡା ,ବନମାଳିପୁର ପ୍ରଭୃତି ଗ୍ରାମର ଶହ ଶହ ଚାଷୀ ନିର୍ଭର କରିଥାନ୍ତି। ଦୀର୍ଘ ୮ବର୍ଷ ହେଲା କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱଦେଇ ଯାଇଥିବା ଏହି କେନାଲକୁ ବହୁ




ସ୍ଥାନରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରିବା ସହ ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଯାହାକି ଜଳ ସେଚନ ନିମନ୍ତେ ଅନ୍ତରାୟ ସୃଷ୍ଟି କରିଛି। ଫଳରେ ଏହି କେନାଲ ଦେଇ କୌଣସି ଜଳ ପ୍ରବାହିତ ହୋଇପାରୁନାହିଁ। କେନାଲ ଏକରକମ ଶୁଖିଲା ପଡିଛି। ପ୍ରତିବର୍ଷ ଏହି କେନାଲ ସରକାରୀ କାଗଜକଲମରେ ସଫେଇ ଓ ମରାମତି କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଉଛି। ମନ୍ତ୍ରୀ ଯନ୍ତ୍ରୀ ବିଧାୟକ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତନ ହେଉଥିଲା ବେଳେ ଏହି କେନାଲର ଭାଗ୍ୟ ପରିବର୍ତନ ହେଉନଥିବାର ଅଭିଯୋଗ ହୋଇଛି। ଏହି କେନାଲଟି ଅଳିଆ ଆବର୍ଜନା,ଅନାବନା ଘାସ ଓ କଳମ ନାଟିଆରେ ଭରପୁର ହୋଇ ରହିଛି। ଫଳରେ କେନାଲରେ ପାଣି ଯାଇପାରୁନାହିଁ। ସ୍ଥାନୀୟ ଅଂଚଳର ଚାଷୀମାନେ ଚଳିତ ବର୍ଷ ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ.ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଧାନଚାଷ କରିଥିଲେ। ଚାଷୀମାନେ ମୌସୁମୀ ବର୍ଷା ଉପରେ ନିର୍ଭର କରି ଏହି ଧାନଚାଷ କରିଥିଲେ। ଏବେ ମୌସୁମୀ ଫେରିଯାଇଛି। ସ୍ଥାନୀୟ ଅଂଚଳରେ ବର୍ଷା ହେଉନାହିଁ। କାର୍ତିକ ମାସରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଧାନ ଜମି ଫାଟି ଆଁ କଲାଣି। ସମ୍ପ୍ରତି ଧାନ ଗଛ ଗର୍ଭଧାରଣ କରିବାକୁ ଆରମ୍ଭ କଲାଣି। ଏପରିସ୍ଥଳେ କେନାଲରେ ପାଣି ଯାଉନଥିବା କାରଣରୁ ଚାଷୀ ମୁଣ୍ଡରେ ଚଡକ ପଡିଛି। ଚାଷୀ ତାର ବର୍ଷକର ଆହାର କିପରି ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗିପଡିଛି। ଅପରପକ୍ଷରେ ଚଳିତ ବର୍ଷ ଏହି ଅଂଚଳର ଶହ ଶହ ଏକର ଜମିରେ ଧାନଚାଷ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଚାଷୀ ତାର ବର୍ଷକର ଆହାର କିପରି ପାଇବ ଓ ଋଣ କିପରି ପରିଶୋଧ କରିବ ଏଥିନେଇ ଚିନ୍ତାରେ ଭାଙ୍ଗିପଡିଛି। ଅପରପକ୍ଷରେ ଏସମ୍ପର୍କରେ ସ୍ଥାନୀୟ ଅଂଚଳର ଚାଷୀମାନେ ମାହାଙ୍ଗାର ନବ ନିର୍ବାଚିତ ବିଧାୟକ, ନିଶ୍ଚିନ୍ତକୋଇଲି ତହସିଲଦାର ଓ ପୁବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଚାଷୀମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ୧୪ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇଁ ସଂଘର୍ଷ କରୁଛନ୍ତି ୭୪ ବର୍ଷୀୟ ହରିହର

**ପାଟଣା,(ନିପ୍ର) :** ଗତ ୧୪ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତରୁ ବ୍ଲକ ଦୌଡି ଦୌଡି ହତାଶ ହୋଇ ପଡିଲେଣି ହରିହର। ଏବେ ପୁଣି ଅନଲାଇନରେ ଆବେଦନ କରିବାକୁ କୁହାଯିବାରୁ ତାହା ମଧ୍ୟ ସେ କରିଛନ୍ତି। ଏଥର ମିଳିବ କି ପୁଣି ବର୍ଷ ବର୍ଷ ଅପେକ୍ଷା କରି ଚିକିତ୍ସା ଅଭାବରୁ ଆଖି ବୁଜିବେ ତାହା ସେ କହିପାରୁ ନାହାନ୍ତି। ପତ୍ନୀଙ୍କୁ ବହୁ ବର୍ଷ ହେଲା ହରାଇବା ସହ କିଛି ମାସ ତଳେ ବଡ଼ପୁଅକୁ ମଧ୍ୟ ହରାଇଛନ୍ତି ୭୪ ବର୍ଷୀୟ ବୃଦ୍ଧ ହରିହର ନାଏକ। ଘର ତାଙ୍କର ପାଟଣା ବ୍ଲକ ଚିନାମାଳିପଶି ପଞ୍ଚାୟତ ଅନ୍ତର୍ଗତ କେତାଙ୍ଗ ଗ୍ରାମରେ। ସରକାରୀ ସାହାଯ୍ୟ କହିଲେ କେବଳ ଚାଉଳ ମିଳୁଛି। ଚିକିତ୍ସା ଖର୍ଚ୍ଚ ପାଇଁ ମଧ୍ୟ ତାଙ୍କ ପାଖରେ ଅର୍ଥ ନାହିଁ। ଏଭଳି ସ୍ଥିତିରେ ହରିହରଙ୍କୁ ବାର୍ଦ୍ଧକ୍ୟ ଭତ୍ତାର ନିତ୍ୟାନ୍ତ ଆବଶ୍ୟକତା ଥିବା ସେ କହିଛନ୍ତି। ଏବେ ତାଙ୍କର ୭୪ ବର୍ଷ ହେଲାଣି। ଆଉ କେବେ ସରକାର ତାଙ୍କୁ ଭତ୍ତା ଦେବେ ବୋଲି କ୍ଷୋଭ ଭରା କଣ୍ଠରେ କହିଛନ୍ତି। ପାଟଣା ବ୍ଲକ ପ୍ରଶାସନ କେତାଙ୍ଗର ହରିହରଙ୍କୁ ଭତ୍ତା ପ୍ରଦାନ ଗତ ସହଯୋଗ ଯୋଗାଇଦେବାକୁ ଦାବି ହୋଇଛି।



# ଟୁଡୁବିଜୁ ଗ୍ରାମବାସୀଙ୍କୁ ମିଳୁନି ବସୁଧା ଯୋଜନାରେ ପାଣି



**ଦାରିଙ୍ଗବାଡି,(ନିପ୍ର) :** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ କୁମ୍ଭରି ଗାଁ ପଞ୍ଚାୟତର ଟୁଡୁବିଜୁ ଗ୍ରାମରେ ପାନୀୟ ଜଳ ଅଭାବ ଦେଖାଯାଇଛି। ଟୁଡୁବିଜୁ ରାଜସ୍ୱ ଗ୍ରାମ ସହିତ ପଡ଼ା ଗ୍ରାମ ଗଟାଗୁଡି ଓ ସାନ୍ଦିମା ଗ୍ରାମରେ ୨୪୬ ପରିବାରର ପ୍ରାୟ ୧୨ ଶହରୁ ଅଧିକ ଜନ ସଂଖ୍ୟା। ଆଜି ଯାଏ ଏହି ଗ୍ରାମ ବାସୀ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏହି କିଛି ମାସ ପୁର୍ବରୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ବସୁଧା ଯୋଜନାରେ ନିର୍ମିତ ହେଇଥିବା ପାଣି ଟାଙ୍କିରେ ମୋଟର ବସାଇବା ନେଇ ମେକାନିକ୍ ଟିମ୍ ଟୁଡୁବିଜୁ ଗ୍ରମାରେ ପହଞ୍ଚି କାମ ଆରମ୍ଭ କରିଥଲେ। ହେଲେ ଦଶହରାର ଆଳ ଦେଖାଇ ପାଣି ଟାଙ୍କିରେ ପ୍ଲାଷ୍ଟିକ ରସି ମାଧ୍ୟମରେ ମୋଟର ମେସିନ୍ କୁ ବାନ୍ଧି ଦେଇ ଯାଇଛନ୍ତି ଯେ ଆଜି ଯାଏ ଦେଖାନାହିଁ ବୋଲି ଗ୍ରାମ ବାସୀ କହିଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପାଇପ ଯୋଗେ ଜଳ ଯୋଗାଣ କରାଯିବା ପାଇଁ ବହୁ ଅର୍ଥ ବ୍ୟୟ ବରାଦ କରାଯାଇଛି ହେଲେ ବିଭାଗୀୟ ଅଧିକାରୀ ମାନଙ୍କ ଖାମ୍ ଖିଆଲ ମନ ଭାବାରୁ ଟୁଡୁବିଜୁ ଗ୍ରାମ ବାସିଙ୍କ ସହିତ ବ୍ଲକଅଞ୍ଚଳର ବହୁ ଗ୍ରାମ ବାସୀ ବସୁଧା ଯୋଜନାରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଗ୍ରାମବାସୀ ଗାଁ ନିକଟ ବିଲରେ ଥିବା ଚୁଆ ପାଣି ବ୍ୟବହାର କରି ବିଭିନ୍ନ ଭୁତାଣୁ ଜନିତ ରୋଗର ଶିକାର ମଧ୍ୟ ହେଉଛନ୍ତି ବୋଲି ଗୌତମ ମାଝୀ ସମେତ ଅନ୍ୟମାନେ କହିଛନ୍ତି। ଗ୍ରାମବାସୀ ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ କରିଛନ୍ତି ହେଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଫୋନ୍ ଉଠାଉ ନଥିବା କଥା ଗ୍ରାମବାସୀ କହିଛନ୍ତି। ପାନୀୟଜଳ ସମସ୍ୟା ନେଇ କନିଷ୍ଠ ଯନ୍ତ୍ରୀଙ୍କ ସହିତ ବିଡ଼ିଓଙ୍କୁ ହ୍ୱାଟ୍ସ ଆପରେ ସମସ୍ୟାର ଫଟୋ ଚିତ୍ର ପଠାଇଥିବା ମଧ୍ୟ କହିଛନ୍ତି। ଏତେ ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସାହାରପଡା ରାଜସ୍ୱ ବଙ୍ଗଳା ଏବେ ଭୂତକୋଠି

ପାଟଣା,(ନିପ୍ର) : ସାହାରପଡା ବ୍ଲକ ମୁଖ୍ୟାଳୟ ୨୨୦ ନମ୍ବର ଜାତୀୟ ରାଜପଥ କଡକୁ ଲାଗି ରହିଛି ରାଜସ୍ୱ ବଙ୍ଗଳା। ସାହାରପଡା ତହସିଲ ଘୋଷଣା ହେବାର ବହୁ ବର୍ଷ ପୂର୍ବରୁ ଉକ୍ତ ବଙ୍ଗଳାଟି ରହିଆସିଛି। ସାହାରପଡା ପୂର୍ବରୁ କେନ୍ଦୁଝର ତହସିଲ ସହିତ ମିଶିକି ରହିଥିଲା। ସେତେବେଳେ କେନ୍ଦୁଝରରୁ ତହସିଲଦାର କିମ୍ବା ରାଜସ୍ୱ ବିଭାଗର ଉପରିସ୍ଥ କର୍ମଚାରୀ ମାନେ ସାହାରପଡା ଆସିଲେ ଏଠାରେ ରହିବା ସହିତ ଅସ୍ଥାୟୀ କାର୍ଯ୍ୟାଳୟ ଓ କ୍ୟାମ୍ପକୋର୍ଟ ଆଦି ଏଠାରେ ବସୁଥିଲା। ସାହାରପଡା ତହସିଲ ଘୋଷଣା ହେ୍ୱା ପରେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଏହି ବଙ୍ଗଳାରେ ତହସିଲ ଅଫିସ ଚାଲିଥିଲା ମାତ୍ର ଏବେ ଏହାର ଗୁରୁତ୍ୱ କମିଯାଇଛି। ଏଠାରେ ଜଣେ କର୍ମଚାରୀ ରହୁଥିଲେ ମଧ୍ୟ କେହି ନ ରହିଲା ପରି ଶ୍ରୀହୀନ ହୋଇଯାଇଛି। ରକ୍ଷଣା ବେକ୍ଷଣ ଅଭାବରୁ ଭାଙ୍ଗି ରୁଜି ଗଲାଣି। ଘର ଚାରିପଟେ ଲତାବୁଦାରେ ପରିପୂର୍ଣ୍ଣ ଜଙ୍ଗଲ ପରି ଦେଖାଯାଉଛି।

## ତାଇକୋଣ୍ଡରେ କନ୍ଧମାଳ ଛାତ୍ରଛାତ୍ରୀଙ୍କ ସଫଳତା

# ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ



**ଫୁଲବାଣୀ,(ନିପ୍ର):** ପ୍ରଥମଥର ପାଇଁ କନ୍ଧମାଳ ଜିଲାର ଛାତ୍ରଛାତ୍ରୀ ମାନେ ରାଜ୍ୟ ସ୍ତରୀୟ କୁସ୍ତି ଏବଂ ତାଇକୋଣ୍ଡ ପ୍ରତିଯୋଗିତାର ଭାଗନେଇ ସଫଳ ହୋଇଛନ୍ତି। ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଗତ ଦିନରେ ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲା ସ୍ତରୀୟ କୁସ୍ତି ଓ ତାଇକୋଣ୍ଡ ପ୍ରତିଯୋଗିତା ହୋଇଥିଲା। ଏଥିରୁ କନ୍ଧମାଳ ଜିଲାରୁ ୨ ଜଣ କୁସ୍ତିରେ ଏବଂ ୬ ଜଣ ତାଇକୋଣ୍ଡରେ ପୁରୀ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଭାଗନେଇଥିଲେ। ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ତାଇକୋଣ୍ଡରେ ଅନିଶ୍ କୁମାର ମୁଖୀ ବ୍ରୋଞ୍ଜ ପଦକ ପାଇଥିବା ବେଳେ ରାଜନନ୍ଦିନି ବେହେରା ଓ ସବିତା ପ୍ରଧାନ ଗୋଲ୍ଡ ମେଡ଼େଲ୍ ପାଇଁ ଜିଲାପାଇଁ ସୁନାମ ଆଣିଦେଇଛନ୍ତି।

# ଭାରତରେ ପ୍ରଥମଥର ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲ୍ୟାଣ୍ଡ

**ପୁଣେ,୨୬।୧୦:** ନିଜ ଗଡ଼ରେ ମାଟି କାମୁଡ଼ିଛି ଟିମ ଇଣ୍ଡିଆ। ଦୀର୍ଘ ୧୨ ବର୍ଷ ହେଲା ଲାଗି ରହିଥିବା ବିଜୟ ଧାରାରେ ଲାଗିଛି ବ୍ରେକ। ଘରୋଇ ମାଟିରେ କ୍ରମାଗତ ୧୮ଟି ଟେଷ୍ଟ ସିରିଜ ବିଜୟ ପରେ ଟିମ ଇଣ୍ଡିଆକୁ ଧୂଳି ଚଟାଇଛି ନ୍ୟୁଜିଲ୍ୟାଣ୍ଡ।

୧୯୫୫ରୁ ଭାରତ ମାଟିରେ ନ୍ୟୁଜିଲ୍ୟାଣ୍ଡ ଟେଷ୍ଟ ସିରିଜ ଜିତିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ସେଇଟା ଏବେ ପୁଣେରେ ପୂରଣ ହୋଇଛି। ପୁଣେ ଟେଷ୍ଟକୁ କ୍ୱିଭି ଟିମ ୧୧୩ ରନରେ ଜିତି ଭାରତ ମାଟିରେ ପ୍ରଥମ ଥର ପାଇଁ ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇଛି।

ଭାରତୀୟ ଟିମ ୨୦୧୨ ଠାରୁ କ୍ରମାଗତ ଭାବେ ଘରୋଇ ମାଟିରେ ଟେଷ୍ଟ ସିରିଜ ଜିତି ଆସୁଥିଲା। ଦଳ ଶେଷ ଥର ପାଇଁ ୧-୨ରେ ଇଂଲଣ୍ଡ ଠାରୁ ଘରୋଇ ପରିବେଶରେ କୌଣସି ଟେଷ୍ଟ ସିରିଜ ହାରିଥିଲା। ହେଲେ ଏବେ ୧୨ ବର୍ଷ ପରେ ଇତିହାସ ବଦଳିଛି। ଭାରତ ୪୩୩୧ ଦିନ ପରେ ନିଜ ମାଟିରେ ଟେଷ୍ଟ ସିରିଜ ହାରିବାର ଲଜ୍ଜା ମୁଣ୍ଡାଇଛି।

ନ୍ୟୁଜିଲ୍ୟାଣ୍ଡ ନିଜ ସ୍ପିନ ଯାଦୁ ବଳରେ ଭାରତକୁ ମାତ ଦେଇଛି। ୨୦୨୧ରେ ନ୍ୟୁଜିଲ୍ୟାଣ୍ଡ ୦-୧ରେ ଭାରତ ଠାରୁ ହାରି ସ୍ୱଦେଶ ଫେରିଥିଲା। ଏବେ ଦଳ କିନ୍ତୁ



ସମସ୍ତଙ୍କୁ ଚକିତ କରି ପ୍ରଥମେ ବେଙ୍ଗାଲୁରୁ ଓ ଆଜି ପୁଣେ ଟେଷ୍ଟରେ ବିଜୟ ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତକୁ ଆସିବା ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ୦-୨ରେ ଶ୍ରୀଲଙ୍କା ଠାରୁ ହାରିଥିଲା। ଦଳ ବାଉନ୍ସ ବ୍ୟାକ କରି ଭାରତ ଭଳି ଗୋଟିଏ ଶକ୍ତିଶାଳୀ ଦଳକୁ ଘରୋଇ ମାଟିରେ ମାତ ଦେଇଛି।

ଦଳର ଷ୍ଟାର ଅଲରାଉଣ୍ଡର ମିଚେଲ ସାଣ୍ଟନର ପୁଣେ ଟେଷ୍ଟରେ କମାଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୭ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହାପୂର୍ବରୁ ସେ କେବେ ବି ଟେଷ୍ଟରେ ୫ ଫର ଦଖଲ କରି ନେଇଥିଲେ। ଭାରତ ବିପକ୍ଷରେ ସେ ଜବରଦସ୍ତ ପ୍ରଦର୍ଶନ କରିବାରୁ ନ୍ୟୁଜିଲ୍ୟାଣ୍ଡ ମଧ୍ୟ ଐତିହାସିକ ବିଜୟ ହାସଲ କରିଛି।

ପୁଣେର ଟର୍ଣ୍ଣିଂ ଟ୍ରାକରେ ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ଟମ ଲାଥମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତ ପକ୍ଷରୁ ୧୩୨୫ ଦିନ ପରେ ଖେଳୁଥିବା ୱାଶିଂଟନ ସୁନ୍ଦର ୭ ୱିକେଟ ଦଖଲ କରିବାରୁ ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ ୨୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଭାରତୀୟ ଟିମ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା।

ପ୍ରଥମ ଇନିଂସରେ ୧୦୩ ରନର ଲିଡ ପାଇଥିବା ନ୍ୟୁଜିଲ୍ୟାଣ୍ଡ ଟମ ଲାଥମଙ୍କ ୮୬ ରନ ବଳରେ ଦ୍ୱିତୀୟ ଇନିଂସରେ ୨୫୫ ରନ କରିଥିଲା। ଫଳରେ ମ୍ୟାଚ୍ ସହ ସିରିଜ ବଞ୍ଚାଇବାକୁ ଭାରତକୁ ୩୫୯ ରନର ଟାର୍ଗେଟ ମିଳିଥିଲା। ତୃତୀୟ ଦିନର ଲଞ୍ଚ ପୂର୍ବରୁ ଏହି ଟାର୍ଗେଟକୁ ପିଛା କରୁଥିବା ଭାରତକୁ ଯଶସ୍ୱୀ ଜୈସୱାଲ ଦମଦାର ଆରମ୍ଭ ଦେଇଥିଲେ। ସେ ଏକାକୀ ୭୭ ରନ କରିଥିଲେ ହେଁ ତାଙ୍କୁ ମଧ୍ୟକ୍ରମରେ କେହି ବି ସାଥ ଦେଇ ନଥିଲେ। ରୋହିତ ଶର୍ମା ୮, ଶୁବମନ ଗିଲ ୨୩, ବିରାଟ କୋହଲି ୧୭, ଋଷଭ ପନ୍ତ ୦, ୱାଶିଂଟନ ସୁନ୍ଦର ୨୧, ସର୍ଫରାଜ ଖାନ ୯ ସମସ୍ତଙ୍କୁ ନିରାଶ କରିଥିଲେ। ଶେଷ ଭାଗରେ ରବୀନ୍ଦ୍ର ଜାଡେଜା କିଛି ସମୟ ଲଢ଼େଇ କରିବାରୁ ଭାରତ ୨୪୦ ରନ ପାର କରିବାକୁ ସକ୍ଷମ ହୋଇଥିଲା।

ତାଙ୍କୁ କିଛି ସମୟ ପାଇଁ ରବି ଅଶ୍ୱିନ(୧୭) ଓ ଆକାଶ ଦୀପ (୨୪ ବଲରେ ୧) ସାଥ ଦେଇଥିଲେ। ହେଲେ ଭାରତ ୨୨୯ ରନରେ ତା'ର ୯ମ ୱିକେଟ ହରାଇଥିଲା। ଶେଷ ବ୍ୟାଟର ଭାବେ ଯଶପ୍ରୀତ ବୁମ୍ରାଙ୍କୁ ସାଥୀ କରି ଜାଡେଜା କିଛି ରନ ହାସଲ କରିବାକୁ ଚେଷ୍ଟା କରିଥିଲେ। ହେଲେ ଦଳୀୟ ସ୍କୋର ୨୪୫ ଥିବା ବେଳେ ସେ ବଡ଼ ଶଟ ଖେଳିବାକୁ ଯାଇ ୪୨ ରନରେ ଏଜାଜ ପଟେଲଙ୍କ ବଲରେ ଆଉଟ ହୋଇଥିଲେ।

ଭାରତ ୨୪୫ ରନରେ ଅଲଆଉଟ ହେବାକୁ ନ୍ୟୁଜିଲ୍ୟାଣ୍ଡ ୧୧୩ ରନରେ ମ୍ୟାଚକୁ ଜିତି ଐତିହାସିକ ଟେଷ୍ଟ ସିରିଜ କବଜା କରିଛି।

## ଝାଡ଼ଖଣ୍ଡ ପାଇଁ ବ୍ରାଣ୍ଡ ଆମ୍ବାସାଡର ଧୋନି

**ରାଞ୍ଚି,୨୬।୧୦:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ଚଳିତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମିଳିଛି ବଡ଼ ଦାୟିତ୍ୱ। ଧୋନିଙ୍କୁ ଏହି ନିର୍ବାଚନ ପାଇଁ ରାଜ୍ୟର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି। ମତଦାନ ପାଇଁ ଲୋକଙ୍କୁ ସଚେତନ କରାଇବା ନେଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକ୍ରମର ଅଂଶ ହେବେ ମାହି।



ଝାଡ଼ଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବି କୁମାର ଏନେଇ ସୂଚନା ଦେଇ କହିଛନ୍ତି, ଲୋକପ୍ରିୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ସଚେତନତା ଅଭିଯାନର ଅଂଶ ହେବେ। ନିର୍ବାଚନ ଆୟୋଗଙ୍କ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଧୋନିଙ୍କ ଫଟୋ ମଧ୍ୟ ବ୍ୟବହାର କରାଯିବ। ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କୁ ମତଦାନ ସାବ୍ୟସ୍ତ କରିବାକୁ ଉତ୍ସାହିତ କରିବା ପାଇଁ ତାଙ୍କର ଯୋଗଦାନ ବେଶ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ଝାଡ଼ଖଣ୍ଡରେ ଚଳିତ ଥର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ୪୩ଟି ଆସନ ପାଇଁ ନଭେମ୍ବର ୧୩ରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ଆସନ ପାଇଁ ନଭେମ୍ବର ୨୦ରେ ହେବ ମତଦାନ। ନଭେମ୍ବର ୨୩ରେ ଆସିବ ଫଳାଫଳ।

### ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ

## ପରାଜୟ ପରେ ଭାରତର ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ,୨୬।୧୦:** ପୁଣେରେ ଭାରତୀୟ ଟିମ ଅପ୍ରତ୍ୟାଶିତ ଢଙ୍ଗରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୧୧୩ ରନରେ ପରାସ୍ତ ହୋଇଛି। ୨୦୧୨ ପରେ ଦଳ ଘରୋଇ ମାଟିରେ



କୌଣସି ଟେଷ୍ଟ ସିରିଜ ହାରିଥିବା ବେଳେ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ପ୍ରବେଶ ମଧ୍ୟ ବିପଦ ମଧ୍ୟକୁ ଠେଲି ହୋଇ ଯାଇଛି।

ଭାରତ ପ୍ରଥମଥର ପାଇଁ ନ୍ୟୁଜିଲ୍ୟାଣ୍ଡ ଠାରୁ ଘରୋଇ ମାଟିରେ କ୍ରମାଗତ ଟେଷ୍ଟ ହାରିଛି। ସେହିପରି ଅଷ୍ଟ୍ରେଲିଆ (୨୦୦୪) ଓ ଇଂଲଣ୍ଡ (୨୦୧୨) ପରେ ନ୍ୟୁଜିଲ୍ୟାଣ୍ଡ ତୃତୀୟ ଦେଶ ଭାବେ ଏକବିଂଶ ଶତାବ୍ଦୀରେ ଭାରତକୁ ତା' ମାଟିରେ ସିରିଜ ହରାଇବାକୁ ସକ୍ଷମ ହୋଇଛି। ସିରିଜ ହାରିବା ଯୋଗୁ ବିଶ୍ୱ ଟେଷ୍ଟ ଚାମ୍ପିୟନସିପର ପଏ ଟେବୁଲରେ ଭାରତର ବିଜୟ ପ୍ରତିଶତ ପଏ ହ୍ରାସ ହୋଇଛି। ସିରିଜ ପୂର୍ବରୁ ଭାରତ ୬୮.୦୬ ବିଜୟ ପ୍ରତିଶତ ସହ ପଏ ଟେବୁଲର ୧ନଂ ସ୍ଥାନରେ ଥିଲା। ଏବେ ବି ଦଳ ୧ନଂ ସ୍ଥାନରେ ଅଛି ସତ, କିନ୍ତୁ ଦଳର ବିଜୟ ପ୍ରତିଶତ ୬୨.୮୨କୁ ଖସି ଯାଇଛି।

ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୬୨.୫ ବିଜୟ ପ୍ରତିଶତ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ପୂର୍ବରୁ ଭାରତ ପାଖରେ ଆଉ ୬ଟି ଟେଷ୍ଟ ମ୍ୟାଚ୍ ରହିଛି। ନଭେମ୍ବର ୧ରେ ଦଳ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦଳ ଶେଷ ଟେଷ୍ଟ ଖେଳିବ। ଏହାପରେ ନଭେମ୍ବର ୨୨ରୁ ଗୁରୁତ୍ୱପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଅଷ୍ଟ୍ରେଲିଆରେ ଆରମ୍ଭ ହେବ।

## ପରାଜୟ ଲଜ୍ଜା ମୁଣ୍ଡାଇଲେ ରୋହିତ-ଗମ୍ଭୀର ଯୋଡ଼ି

**ପୁଣେ,୨୬।୧୦:** ଭାରତରେ ଆଉ ଭାରତୀ। ଟିମ ଅପରାଜେୟ ନୁହେଁ। ନିଜ ଗଡ଼ରେ ବି ଭାରତକୁ ହାରିବାକୁ ପଡ଼ିପାରେ। ଏକଥା ନ୍ୟୁଜିଲ୍ୟାଣ୍ଡ ପ୍ରମାଣ କରି ଦେଖାଇଛି। ୨୦୧୨ ଡିସେମ୍ବର ପରଠାରୁ ଭାରତୀୟ ଟିମ ନିଜ ଗଡ଼ରେ ଦବଦବା ଦେଖାଇ ଚାଲିଥିଲା।

୪୩୩୧ ଦିନର ବିଜୟ ଧାରା ଜାରି ରଖିବା ସହ ୧୮ ଟି ଟେଷ୍ଟ ସିରିଜ ଦଳ ଜିତିଥିଲା। ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ଛାଡ଼ି ଦେଲେ ଭାରତକୁ କେହି ବି ନିଜ ମାଟିରେ ହରାଇ ପାରି ନଥିଲେ। ଭାରତ ଏକାକୀ ନିଜ ମାଟିର ରାଜା ଥିଲା। ହେଲେ ନ୍ୟୁଜିଲ୍ୟାଣ୍ଡ ଭାରତର ଅପରାଜେୟ ରେକର୍ଡକୁ ଭାଙ୍ଗି ଚୂରମାର କରି ଦେଇଛି। ୧୯୫୫-୫୬ରୁ ନ୍ୟୁଜିଲ୍ୟାଣ୍ଡ ଓ ଭାରତ ମଧ୍ୟରେ ଟେଷ୍ଟ ସିରିଜ ଚାଲିଥିଲା। ଅନେକ ସମୟରେ କ୍ୱିଭି ଟିମ ଭାରତ ଗସ୍ତରେ ଆସିଛି। ସବୁ ଥର ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ କେବେ ଟ୍ରଫି ତୋଳି ଧରିବାର ସୁଯୋଗ ନ୍ୟୁଜିଲ୍ୟାଣ୍ଡକୁ ମିଳି ନଥିଲା।



ସମୟ ବଦଳିବା ସହ ନ୍ୟୁଜିଲ୍ୟାଣ୍ଡ ଇତିହାସ ବଦଳାଇଛି। ଭାରତକୁ ତା' ମାଟିରେ ୩ ଟିକିଆ ସିରିଜର ଗୋଟିଏ ମ୍ୟାଚ୍ ପୂର୍ବରୁ ୨-୦ରେ ହରାଇ ଟ୍ରଫି କବଜା କରି ନେଇଛି। ଭାରତ ମାଟିରେ ଏହା ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଟେଷ୍ଟ ସିରିଜ ବିଜୟ। ସେହିପରି ୨୦୧୨ ଡିସେମ୍ବର ପରେ ଭାରତ ନିଜ ଗଡ଼ରେ କୌଣସି ଟେଷ୍ଟ ସିରିଜ ହାରିବାର ଲଜ୍ଜା ମୁଣ୍ଡାଇଛି। ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ଅମଳରେ ଭାରତ ଏପରି ସ୍ଥିତିର ସମ୍ମୁଖୀନ ହୋଇଛି। ପୁଣେ ଟେଷ୍ଟରେ ନ୍ୟୁଜିଲ୍ୟାଣ୍ଡ ୧୧୩ରେ ଭାରତକୁ ହରାଇ ଦେଇଛି। ୩୫୯ ରନର ପିଛା କରୁଥିବା ଭାରତୀୟ ବ୍ୟାଟରଙ୍କୁ ମିଚେଲ ସାଣ୍ଟନର ଘାଇଲା କରିଛନ୍ତି। ପ୍ରଥମ ଇନିଂସରେ ସେ ୭ଟି ଓ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଭାରତ ବିପକ୍ଷ ସିରିଜକୁ ଆସିବା ପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ୩୭ଟି ମ୍ୟାଚକୁ ଭାରତରେ କେବଳ ୨ଟିରେ ଜିତିଥିଲା। ଏପରି କି ଦଳ ଶ୍ରୀଲଙ୍କା ଠାରୁ ୦-୨ରେ ଟେଷ୍ଟ ସିରିଜ ହାରି ଏଠାକୁ ଆସିଥିଲା। ହେଲେ କ୍ୱିଭି ଟିମ ସବୁ ପ୍ରତିକୂଳ ରେକର୍ଡ ଓ ସଂଖ୍ୟାକୁ ମାତ ଦେଇ ଭାରତ ବିପକ୍ଷରେ ସିରିଜ କବଜା କରିଛି। ଭାରତ ୨୦୧୨ ଡିସେମ୍ବର ମାସରେ ଶେଷ ଥର ପାଇଁ ଇଂଲଣ୍ଡ ବିପକ୍ଷ ସିରିଜକୁ ୧-୨ରେ ହାରିଥିଲା। ସେହି ସମୟରେ ମହେନ୍ଦ୍ର ସିଂହ ଧୋନି ଅଧିନାୟକ ଓ ଡଙ୍କନ ଫ୍ଲେଚର କୋଚ ଥିଲେ। ଏହା ପରଠାରୁ ଭାରତ ୧୮ଟି ଟେଷ୍ଟ ସିରିଜ ଘରୋଇ ମାଟିରେ ଖେଳିଥିବା ବେଳେ ସବୁ ଥର ଜିତିଥିଲା। ଦଳ ଏତେ ସଂଖ୍ୟକ ସିରିଜରେ କେବଳ ୪ଟି ମ୍ୟାଚ୍ ହିଁ ହାରିଥିଲା। ଘରୋଇ ମାଟିରେ ଭାରତକୁ ଛାଡ଼ିଦେଲେ ଏତେ ସଂଖ୍ୟକ ଟେଷ୍ଟ ସିରିଜ ଆଉ କୌଣସି ଦେଶ ଜିତି ନାହାନ୍ତି। ଅଷ୍ଟ୍ରେଲିଆ ଦୁଇ ଥର ୧୦ଟି ଲେଖାଏ ଟେଷ୍ଟ ସିରିଜ ନିଜ ମାଟିରେ ଜିତିଥିଲା।

## ୯ ୱିକେଟରେ ଇଂଲଣ୍ଡକୁ ହରାଇଲା ପାକିସ୍ତାନ

**କରାଚୀ,୨୬।୧୦:** ପାକିସ୍ତାନ କ୍ରିକେଟ ଟିମର ଅପେକ୍ଷାରେ ଲାଗିଛି ବିରାମ। ୨୦୨୧ରୁ ଦଳ ଘରୋଇ ମାଟିରେ ଟେଷ୍ଟ ସିରିଜ ଜିତିବା ପାଇଁ ଯେଉଁ ସଂଘର୍ଷ କରୁଥିଲା, ସେଥିରେ ସଫଳତା ମିଳିଛି। ଘରୋଇ ମାଟିରେ ପାକିସ୍ତାନ ୦-୧ ପଛରେ ଥାଇ ମଧ୍ୟ ୨-୧ରେ ଇଂଲଣ୍ଡ ବିପକ୍ଷ ସିରିଜ ଜିତିବାକୁ ସକ୍ଷମ ହୋଇଛି। ରାୱଲପିଣ୍ଡି ଟେଷ୍ଟକୁ ପାକିସ୍ତାନ ୯ ୱିକେଟରେ କବଜା କରି ଏପରି ସଫଳତା ପାଇଛି। ଦଳ ୨୦୨୧ରୁ ଘରୋଇ ମାଟିରେ କୌଣସି ପ୍ରକାରର ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇ ନଥିଲା। ମୁଲତାନ ଟେଷ୍ଟ ଓ ରାୱଲପିଣ୍ଡି ଟେଷ୍ଟର ପ୍ରଥମ ଇନିଂସ ଭଳି ପାକିସ୍ତାନର ଦୁଇ ସ୍ପିନର ନୋମାନ ଅଲୀ ଓ ସାଜିଦ ଖାନ ଦ୍ୱିତୀୟ ଇନିଂସରେ ସମସ୍ତ ୧୦ ୱିକେଟ ଦଖଲ କରିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଇଂଲଣ୍ଡ ପ୍ରଥମ



ଇନିଂସରେ ମାତ୍ର ୨୬୭ ରନ କରି ଅଲଆଉଟ ହୋଇଯାଇଥିଲା। ଏହି ଇନିଂସରେ ନୋମାନ ୩ଟି ଓ ସାଜିଦ ୬ଟି ୱିକେଟ ନେଇଥିଲେ। ଅନ୍ୟତମ ସ୍ପିନର ଜାହିଦ ମହମ୍ମୁଦଙ୍କ ଖାତାକୁ ଗୋଟିଏ ୱିକେଟ ଯାଇଥିଲା। ଏହାର ଜବାବରେ ପାକିସ୍ତାନ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ସୌଦ ସକିଲଙ୍କ ୧୩୪, ନୋମାନ ଅଲୀଙ୍କ ୪୫ ଓ ସାଜିଦ ଖାନଙ୍କ ୪୮ ରନ ବଳରେ ପାକିସ୍ତାନ ପ୍ରଥମ ଇନିଂସରେ ୩୪୪ ରନ କରି ନେଇଥିଲା। ଏଥିସହ ଦଳକୁ ଗୁରୁତ୍ୱପୂର୍ଣ୍ଣ ୭୭ ରନର ଲିଡ୍ ମିଳିଥିଲା। ତୃତୀ। ଟେଷ୍ଟର ଦ୍ୱିତୀ। ଦିନ ହିଁ ଇଂଲଣ୍ଡ ତା'ର ଦ୍ୱିତୀ। ଇନିଂସ ଆରମ୍ଭ କରିଥିଲା। ଦଳ ୭୭ ରନ ପଛରେ ଥିବା ବେଳେ ଦ୍ୱିତୀ। ଦିନର ଖେଳ ଶେଷ ବେଳକୁ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ଇଂଲଣ୍ଡ ୨୪ ରନରେ ୩ ୱିକେଟ ହରାଇଥିଲା। ଆଜି ପ୍ରଥମ ଘଣ୍ଟାରେ ହିଁ ନୋମାନ ଓ ସାଜିଦ ବାକି କାମ ସାରି ଦେଇଥିଲେ। ନୋମାନ ୬ଟି ଓ ସାଜିଦ ୪ଟି ୱିକେଟ ଦଖଲ କରିବାରୁ ଇଂଲଣ୍ଡ ମାତ୍ର ୧୧୨ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପାକିସ୍ତାନକୁ ଐତିହାସିକ ବିଜୟ ପାଇଁ ୩୭ ରନର ଟାର୍ଗେଟ ମିଳିଥିଲା। ଏହାକୁ ପାକିସ୍ତାନ ଗୋଟିଏ ୱିକେଟ ହରାଇ ହାସଲ କରି ନେଇଛି। ଶାନ ମସୁଦ ପାକିସ୍ତାନ ଟିମର ଟେଷ୍ଟ କ୍ୟାପ୍ଟେନ ହେବା ପରେ ଦଳ ପ୍ରଥମଥର ପାଇଁ କୌଣସି ସିରିଜ ଜିତିବାକୁ ସକ୍ଷମ ହୋଇଛି।

## ଭଗତ ସିଂ ଫୁଟବଲ କ୍ଲବ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ

**ରାଇଘର,୨୬।୧୦ (ମହାଭାରତ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପତ୍ରକୋଟି ସହିଦ ଭଗତ ସିଂ ଫୁଟବଲ କ୍ଲବ ପକ୍ଷରୁ ଆଜି ଦୁଇ ଦିନିଆ। ଫୁଟବଲ ଟୁର୍ନାମେ ଉଦଘାଟନୀ ଦିବସ ଅନୁଷ୍ଠିତ ହୋଇଯାଇଛି. ଖେଳ ହେଉଛି ଭାଇଚରା ବଢାଇବା ର ଗୋଟିଏ ମାଧ୍ୟମ, ବର୍ତମାନର ଯୁବ ପିଢ଼ି ଆଉଟ ଡୋର ଗେମ୍ ରୁ ଦୁରେଇ ଇନ ଡୋର ଗେମ୍ କୁ ପସନ୍ଦ କରୁ ଥିବାରୁ ଲୋକଙ୍କୁ ସଚେତନ କରିବାର ଏକ ମାଧ୍ୟମ କୁ ବୁଝିଛନ୍ତି ରାଇଘର ପତ୍ରକୋଟି ସାହି ସହିଦ ଭଗତ ସିଂ କ୍ଲବ ର ମେମ୍ବର ମାନେ ତେଣୁ ଗୋଟିଏ ଫୁଟବଲ ମ୍ୟାଚ ଆୟୋଜନ କରି ରାଇଘର ଗୋଷ୍ଠି ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀଙ୍କ ସହ ଦୁଇ ଅବସର ପ୍ରାପ୍ତ ସେନା କର୍ମଚାରୀ ଙ୍କୁ ଅତିଥି ଭାବରେ ଡାକିଥିଲେ। ପ୍ରଥମେ ଅତିଥି ମାନେ ସହିଦ ଭଗତ ସିଂ ଙ୍କ



ଫୋଟଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କଲାପରେ ପଡିଆ। କୁ ଏକ ବିରାଟ ଶୋଭାଯାତ୍ରା ରେ ଅତିଥି ମାନଙ୍କ ସହ ସହିଦ ଭଗତ ସିଂ କ୍ଲବ ର ସଦସ୍ୟ ମାନେ ଯାଇ ଖେଳାଳି ମାନଙ୍କୁ ଶାନ୍ତି ଶୃଙ୍ଖଳା ର ସହ ଖେଳ ଖେଳିବାକୁ ବୁଝେଇ ଥିଲେ,ଉକ୍ତ ଫୁଟବଲ ଟୁର୍ନାମେ ରେ ମୁଖ୍ୟ ବକ୍ତା ଭାବେ ରାଇଘର ଗୋଷ୍ଠି ଉନ୍ନୟନ ଅଧିକାରୀ ଖେଳାଳି ମାନଙ୍କୁ ଆଉଟ ଡୋର ଗେମ୍ ପ୍ରତି ପ୍ରେରଣା ଦେଇଥିଲେ,ଏହି ଖେଳ ରେ ମୋଟ ୧୬ଗୋଟି ଦଳ କୁ ନେଇ ଏହି ଟୁର୍ନାମେ ଖେଳାଯାଉଥିବା ଜଣା ପଡିଛି।ଏହି ଖେଳକୁ ସହିଦ ଭଗତ ସିଂ କ୍ଲବ ର ସମସ୍ତ ମେମ୍ବର ମାନେ ସହଯୋଗ କରିଛନ୍ତି ।

## ଭାରତରେ ସ୍ୱାସ୍ଥ୍ୟ ନିମନ୍ତେ ସାମସଙ୍ଗ ଉପଚାର ଚିହ୍ନଟ ବିଶେଷତ୍ୱ ଘୋଷଣା

**ନୂଆଦିଲ୍ଲୀ,୨୬।୧୦:** ଭାରତର ବୃହତମ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ କମ୍ପାନୀ ସାମସଙ୍ଗ, ଏହାର ଉପଚାର ଚିହ୍ନଟ ବିଶେଷତ୍ୱକୁ ସାମସଙ୍ଗ ହେଲଥ୍ ଆପ୍‌ରେ ସାମିଲ କରି ବ୍ୟବହାରକାରୀମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ବ୍ୟାପକତାକୁ ଅଧିକ ପରିଚାଳନା କରିବାରେ ସହାୟତା ହୋଇପାରିଛି। ଏହି ବିଶେଷତ୍ୱ ଗୁଡ଼ିକ ବ୍ୟବହାରକାରୀମାନଙ୍କୁ କେବଳ ସେମାନଙ୍କର ଔଷଧ ଚିଠାକୁ କାଉଂଟର ମାନଙ୍କରେ ଉପଚାର ନିମନ୍ତେ ପ୍ରଦାନ କରିବା ବ୍ୟତୀତ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନା ଏବଂ ଟିପ୍ସକୁ ମଧ୍ୟ ଏହା ପ୍ରଦାନ କରିପାରିବ। ଏହି ବିଶେଷତ୍ୱ ମଧ୍ୟ ଅବିରତ ଭାବରେ ସେହି ବ୍ୟକ୍ତି ବିଶେଷ ମାନଙ୍କର ରୋଗ ଉପସମକୁ ଦୃଷ୍ଟିରେ ରଖି ପାରିବ ଯେଉଁମାନେ କି ଏହି ଉପଚାର ଯାତ୍ରାରେ ପଥିକ ହୋଇଥାନ୍ତି ସେହି ରୋଗ ପାଇଁ ଯାହା ମଧ୍ୟରେ ରହିଛି ଅବସାଦ, ମଧୁମେହ, ପିସିଓଏସ, ପିସିଓଡ଼ି ତଥା ଅନ୍ୟାନ୍ୟ ରହି ଆସିଥିବା ରୋଗ ଯାହା ପାଇଁ ସମୟାନୁବର୍ତିତ ଔଷଧ ସେବନର ଯଥେଷ୍ଟ ଆବଶ୍ୟକତା ଥାଏ।

"ସାମସଙ୍ଗ ଏଭଳି ଏକ ବ୍ରାଣ୍ଡ ଯେ କି ଏହାର ପ୍ରିୟ ଗ୍ରାହକମାନଙ୍କୁ ନିଜର ସାମଗ୍ରୀ ତଥା ସେବା ଅବିରତ ଭାବେ ପ୍ରାଥମିକ ଭାବରେ କାର୍ଯ୍ୟକାରୀ କରିଥାଏ ସେମାନଙ୍କର ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବା ପାଇଁ। ଆମର ଲକ୍ଷ୍ୟ ସେହି ଲୋକମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଚିକିତ୍ସା ସମ୍ବନ୍ଧୀୟ ମଂଚ ଗଠନ କରି ସେମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ତ ପ୍ରକାର ସାମଗ୍ରୀ ତଥା ସେବାକୁ ସଂଯୋଗ କରିବା ସହିତ ସେମାନଙ୍କର ବିଭିନ୍ନ ବିଷୟକୁ ବୁଝି ସୁପରିଚାଳନା କରିବା। ଭାରତ ପାଇଁ ଏହି ସାମସଙ୍ଗ ହେଲଥ୍ ଆପ୍‌ରେ ଉପଚାରର ବିଭିନ୍ନ ବିଶେଷତ୍ୱକୁ ସଂଯୋଗ କରିବା ସହିତ ବ୍ୟବହାରକାରୀମାନେ ଯେଭଳି ଅତି ସହଜ ଭାବରେ ଏହାକୁ ପରିଚାଳନା କରିବାରେ ସକ୍ଷମ ହୋଇପାରିବେ ତଥା ଏଭଳି ଆନୁଷଙ୍ଗିକରେ ଉନ୍ନତି ହୋଇପାରିବ ତଥା ବିକଳ୍ପ ଭାବରେ ଏକ ସୁନ୍ଦର ସ୍ୱାସ୍ଥ୍ୟର ସୁପରିଚାଳନା ହୋଇପାରିବ ଏହା ଉପରେ ଆମେ ବିଶ୍ୱାସ ପ୍ରକଟ କରିଥାଉ", ନିଜର ମତବ୍ୟକ୍ତ କରି କ୍ୟୁନଗ୍ୟୁନ ରୁ, ପରିଚାଳନା ନିର୍ଦ୍ଦେଶକ, ସାମସଙ୍ଗ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ନଏଡ଼ା ଏହା କହିଛନ୍ତି। ଏହି ଉପଚାର ବିଶେଷତ୍ୱ ସାମସଙ୍ଗର ଉଭୟ ଆରଏଣ୍ଡଡ଼ି, ଡ଼ିଜାଇନ ତଥା ଗ୍ରାହକ ଅଭିଜ୍ଞତା ଦଳ ମିଳିତ ସହଯୋଗର ପ୍ରଚେଷ୍ଟା ଅଟେ ଯାହାକି ଭାରତୀୟ ଗ୍ରାହକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହାକୁ ଅଧିକ ଦୃଷ୍ଟି ଦିଆଯାଇଥାଏ।

## ବିଶ୍ୱ ଚାମ୍ପିୟନଶିପରେ ଭାଗ ନେବ ଭାରତ

**ନୂଆଦିଲ୍ଲୀ,୨୬।୧୦:** ଭାରତୀୟ କୁସ୍ତି ଦଳ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବ। ସରକାର ଶୁକ୍ରବାର ଏହା ସ୍ପଷ୍ଟ କରିଛନ୍ତି। ରେସ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍‌ଆଇ) ବୁଧବାର ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ରୁ ଭାରତୀୟ ଦଳକୁ ପ୍ରତ୍ୟାହାର କରିନେଇଥିଲା। ଫଳତଃ ଏହାଦ୍ୱାରା ପ୍ରଭାବିତ ସମସ୍ତ ୧୨ କୁସ୍ତିଯୋଦ୍ଧା ଶୁକ୍ରବାର ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂଙ୍କ ସହିତ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ବାସଭବନକୁ ଯାଇଥିଲେ। ସେମାନେ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଥିଲେ। ସେଠାରେ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଲୋଚନା ପରେ ସଞ୍ଜୟ ସିଂ ଖବରଦାତାମାନଙ୍କୁ କହିଛନ୍ତି, ମହାସଂଘ ବିରୋଧରେ ଯେଉଁ ଅଦାଲତ ଅବମାନନା ମୋକଦ୍ଦମା ହୋଇଛି ସେସବୁ ସରକାର ବୁଝିବେ। ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ କୁସ୍ତି ଯୋଦ୍ଧାମାନଙ୍କର ଟିକେଟ ସଂରକ୍ଷଣ ହୋଇ ସାରିଛି। ସେମାନେ ରବିବାର ସକାଳେ ପ୍ରସ୍ଥାନ କରିପାରିବେ। ସରକାର ଡବ୍ଲ୍ୟୁଏଫ୍‌ଆଇ ଉପରୁ ସସ୍ପେଣ୍ଡ ଆଦେଶ ପ୍ରତ୍ୟାହାର କରିବା ଲାଗି କୌଣସି ପ୍ରତିଶ୍ରୁତି ଦେଇଛନ୍ତି କି ବୋଲି ତାଙ୍କୁ ପଚରାଯିବାରେ ମନ୍ତ୍ରୀ କହିଥିଲେ ଏହାର ସମୀକ୍ଷା ହେବ। ଏଥିପାଇଁ ଏକମାସ ସମୟ ଲାଗିବ। ମାଣ୍ଡବ୍ୟ କହିଥିଲେ, ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ।

## ଭାରତରେ ସେରେଲାକର ୫୦ବର୍ଷ ପୂର୍ତ୍ତି ଘୋଷଣା

**ନୂଆଦିଲ୍ଲୀ,୨୬।୧୦:** ସେରେଲାକ, ନେସଲେର ଏକ ଖାଦ୍ୟଶସ୍ୟ ଆଧାରିତ ପରିପୂରକ ଖାଦ୍ୟ ଭାରତରେ ୫୦ ବର୍ଷରେ ପଦାର୍ପଣ କରିଛି। ପଞ୍ଜାବର ମୋଗାଠାରେ ସେପ୍ଟେମ୍ବର ୧୫, ୧୯୭୫ ମସିହାରେ ସେରେଲାକ୍ ଯାହାକି ନେସଲେ ଇଣ୍ଡିଆର ଫ୍ଲାଗସିପ୍ କାରଖାନା ଦ୍ୱାରା ଏହାର ପ୍ରଥମ ପର୍ଯ୍ୟାୟର ଉତ୍ପାଦନ ହୋଇଥିଲା। ଆଜି ଶହେରୁ ଉର୍ଦ୍ଧ୍ୱ ଉତ୍ସର୍ଗୀକୃତ କର୍ମଚାରୀ ବୃନ୍ଦ ସେଇ ସମାନ ଉପଯୁକ୍ତ ଯତ୍ନ ତଥା ମନବୃତ୍ତିକୁ ନେଇ ପଞ୍ଜାବ ସ୍ଥିତ ମୋଗା ଏବଂ ହରିୟାନା ସ୍ଥିତ ସମଲଖା କାରଖାନାରେ ନିରବଚ୍ଛିନ୍ନ ଭାବରେ ଗୁଣାତ୍ମକ ମାନର ପୌଷ୍ଟିକ ଉତ୍ପାଦନ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି।

ପାଂଚ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସେରେଲାକ୍, ନିଜର ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରିବା ସହିତ, ଉଚ୍ଚ ମାନଯୁକ୍ତ ଉପାଦାନ ଏଥିରେ ବ୍ୟବହାର କରୁଛି ଯାହା ମଧ୍ୟରେ ରହିଛି, ଶସ୍ୟ ଏବଂ ଦୁଗ୍ଧ ଯାହାର ଉତ୍ସ ଆଂଚଳିକ ସ୍ତରରୁ ହେଉଛି। ସେରେଲାକର ପ୍ରତ୍ୟେକ ବ୍ୟାଚ୍ ଏକ କଠିନ ଗୁଣାତ୍ମକ ମାନ (୪୦ରୁ ଉର୍ଦ୍ଧ୍ୱମାନକ ପରୀକ୍ଷଣ) ପରୀକ୍ଷଣ ଦେଇଯାଇଥାଏ ଯାହାକି ପ୍ରତ୍ୟେକ ସେରେଲାକର ଦ୍ରବ୍ୟ ବ୍ୟବହାର ଉପଯୋଗୀ ପାଇଁ ସୁରକ୍ଷିତଏହା ସୁନିଶ୍ଚିତ କରିଥାଏ।

ସୂକ୍ଷ୍ମ ପୌଷ୍ଟିକ ତତ୍ୱର ଅଭାବ ପୂରଣ ପାଇଁ ଭିଟାମିନ ଏବଂ ଖଣିଜ ପଦାର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ସୂକ୍ଷ୍ମ ପୌଷ୍ଟିକ ତତ୍ୱର ସଠିକ୍ ମାତ୍ରାରେ ସେବନ ସୁସ୍ଥ-ନିରାମୟ ପାଇଁ ପ୍ରୋତ୍ସାହନ କରିଥାଏ। ଭାରତରେ ଏହାର ଉପସ୍ଥାପନ ଠାରୁ ସେରେଲାକ୍ ୬ ମାସରୁ ଉର୍ଦ୍ଧ୍ୱ ଶିଶୁ ମାନଙ୍କ ପାଇଁ ଏକ ଉପାଦେୟ ଖାଦ୍ୟ ଭାବେ ପରିଗଣିତ ହୋଇପାରିଛି। ସେରେଲାକରେ ରହିଛି ୧୫ଟି ପୌଷ୍ଟିକ ତତ୍ୱ, ସେଗୁଡ଼ିକ ଭିଟାମିନ ଏବଂ ଖଣିଜ ପଦାର୍ଥ, ଯାହାକି ଅଭିଜ୍ଞ ସ୍ୱାସ୍ଥ୍ୟ ଯତ୍ନକାରୀ ବିଶେଷଜ୍ଞଙ୍କ ମତରେ ନିୟମ ଅନୁସାରେ ଘରୋଇ ଖାଦ୍ୟର ଏକ ମିଶ୍ରଣ ଉପାଦାନର ମୂଲ୍ୟ ପ୍ରଦାନ କରିଥାଏ।

ନେସଲେର ବିଶ୍ୱସ୍ତରୀୟ ଆରଏଣ୍ଡଡ଼ି ନେଟୱାର୍କର ସହଯୋଗରେ ସେରେଲାକର ଏହି ପୌଷ୍ଟିକ ଉତ୍ପାଦନ ଖାଦ୍ୟ ପାକ ପଦ୍ଧତି ବିଶେଷ ଭାବରେ ବିକଶିତ ହେବା ସହିତ ଏବଂ ମିଳିତ ଭାବରେ ସ୍ଥାନୀୟ ଦକ୍ଷତା ତଥା ଆନ୍ତର୍ଜାତୀୟ ଦକ୍ଷତା ତଥା ଆନ୍ତର୍ଜାତୀୟ ନବୀକରଣତାକୁ ସାଙ୍ଗରେ ନେଇଥାଏ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ